ମଶାଣିର ଫୁଲ

ସଚ୍ଚିଦାନନ୍ଦ ରାଉତରାୟ

Digitized by PPRACHIN, SOA

ମଶାଣିର ଫୁଲ

ଲେଖକ :
ପଦ୍ମଶ୍ରୀ:ସଚ୍ଚିଦାନନ୍ଦ ରାଉତରାୟ

ଗ୍ରନ୍ଥମନ୍ଦିର

Digitized by PPRACHIN, SOA

ପ୍ରକାଶକ

ଶ୍ରୀ ଅଭିରାମ ମହାପାତ୍ର, ବି. ଏ.

ଗ୍ରଂଥ ମଂଦିର

କଟକ—୨ : ବ୍ରହ୍ମପୁର

ମୁଦ୍ରକ

ଶ୍ରୀ ଜୟରାମ ମହାପାତ୍ର, ବି. କମ୍.

ଗ୍ରଂଥ ପ୍ରକାଶିନୀ

କଟକ—୧

ପରିବର୍ଦ୍ଧିତ ଚତୁର୍ଥ ସଂସ୍କରଣ :

ଡିସେଂବର, ୧୯୬୭

ମୂଲ୍ୟ :

ଟ୧.୫୦ ପଇସା

Digitized by PPRACHIN, SOA

ଚତୁର୍ଥ ପ୍ରକାଶନର ଭୂମିକା

"ମଶାଣିର ଫୁଲ" ନାମକ ଗଳ୍ପ-ସଂକଳନ ବହୁ ଦିନରୁ ବଜାରରେ ନାହିଁ । ତେଣୁ ଏହାର ଏକ ନୂତନ ସଂସ୍କରଣ ପ୍ରକାଶନର ଆବଶ୍ୟକତା ଅନେକ ଦିନରୁ ଅନୁଭୂତ ହୋଇଆସୁଛି । ବର୍ତ୍ତମାନ ଗ୍ରନ୍ଥ ମନ୍ଦିରର ଆନୁକୂଲ୍ୟରେ ଏହି ଗଳ୍ପଗୁଡ଼ିକ ସଂଗେ ଆଉ କେତୋଟି ନୂତନ ଅପ୍ରକାଶିତ (ପୁସ୍ତକାକାରରେ) ଗଳ୍ପ ଯୋଗକରି ପରିବର୍ଦ୍ଧିତ ଚତୁର୍ଥ ସଂସ୍କରଣ ପ୍ରକାଶ କରାଗଲା । ଆଶା, ବହିଟି ଓଡ଼ିଶାର ସୁଧୀସମାଜ ଦ୍ୱାରା ଆଦୃତ ହେବ ।

"ମଶାଣିର ଫୁଲ" ପୁସ୍ତକରେ ସନ୍ନିବିଷ୍ଟ ଗଳ୍ପଗୁଡ଼ିକର ଇଂରାଜୀ ଅନୁବାଦ କଲିକତାର ଇଂରାଜୀ ଦୈନିକ ଅମୃତ ବଜାର ପତ୍ରିକା ତଥା ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼ର ରବିବାସରୀୟ ସଂଖ୍ୟାମାନଙ୍କରେ ପ୍ରକାଶ ପାଇଛି । ଏହି ଗଳ୍ପଗୁଡ଼ିକର ହିନ୍ଦୀ ଓ ଅସମୀୟା ଅନୁବାଦ ମଧ୍ୟ ତଦ୍‌ଦେଶୀୟ ବହୁ ପତ୍ର ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଛି ।

ଓଡ଼ିଶାର ବିଦଗ୍ଧ ପାଠକମଣ୍ଡଳୀ ଏ ପୁସ୍ତକଟି ପଢ଼ି ଆନନ୍ଦ ଲାଭ କଲେ ଶ୍ରମ ସାର୍ଥକ ମନେକରିବି । ଇତି ।

କଟକ
ଡିସେମ୍ବର ୯୬୭

ସଚ୍ଚିଦାନନ୍ଦ ରାଉତରାୟ

Digitized by PPRACHIN, SOA

ଉତ୍ସର୍ଗ

ଶ୍ରୀ ହରେକୃଷ୍ଣ ମହ୍‌ତାବଂକୁ

ଶ୍ରଦ୍ଧା ନିବେଦନ

ସଚ୍ଚିଦାନଂଦ

୧୫ | ୧୧ | ୪୫

କଲ୍‌କତା

Digitized by PPRACHIN, SOA

ସୂଚିପତ୍ର

ମଶାଣିର ଫୁଲ	୧
ମଲ୍ଲୀ କଳି	୯
ଅଂଧାରୁଆ	୨୦
ରଜାପୁଅ	୨୯
ରିକ୍‌ସାବାଲା	୩୫
ଦାରୋଗାଂକ କୁକୁର	୪୩
ପଇସାଟିଏ	୪୭

Digitized by PPRACHIN, SOA

ମଶାଣିର ଫୁଲ

ପୋଡ଼ାବସଂତ ଶାସନର ଜଗୁ ଢଆଡ଼ି କୀର୍ତ୍ତନ କରେ, ମୃଦଂଗ ବଜାଏ, ଗଂଜାଇ ଖାଏ, ଆଉ ମୁର୍ଦ୍ଦାର ପୋଡ଼େ । ଭଲ ମଡ଼ାଟଂଗିଆ ଭାବରେ ସେ ଖଂଡ଼ମଂଡ଼ଳରେ ଜଗୁର ବେଶ୍ ଗୋଟାଏ ନାଆଁ ବି ଅଛି ।

ମୁର୍ଦ୍ଦାରଟା ଯେବେ ଜୁଇ ନିଆଁ ଉପରେ ସେଁ ସେଁ କରେ କି ତାର ଗୋଡ଼ଟା ନିଆଁ ସେକରେ ସେଡ଼େଂଗା ହୋଇ ଉପରକୁ ବାହାରି ପଡ଼େ, କିଂବା ପେଟ ଭିତର ଅଂତବୁଜୁଳା-ଗୁଡ଼ାକରୁ ପାଣିନିଗିଡ଼ି ନିଆଁ ଧରେ ନାହିଁ, ତେବେ ଅନ୍ୟ ମାଲ୍‌ଭାଇମାନେ ଜଗୁ ଢଆଡ଼ି ମୁହଁକୁ ଅନାଂତି, ତା'ର ପରାମର୍ଶ ଲୋଡ଼ଂତି ।

ଗଂଜେଇ ନିଶାରେ ଟିକିଏ ବେହୁସିଆର ହୋଇ ଜଗୁ ହୁଏତ ମଶାଣି ପଦାରେ ଖଂଡ଼େ ଦୂରରେ ବସି ଢୁଲାଉଥାଏ । ସେ ଧଡ଼ପଡ଼ ହୋଇ ଉଠିପଡ଼ି ଠିଆ ହୁଏ, ତା'ପରେ କୋକେଇ ଭିତରୁ ଗୋଟାଏ ତିନିହାତିଆ ବାଉଁଶ ଓଟାରି ଆଣି 'ମାର—ମାର' କହୁ କହୁ ମୁର୍ଦ୍ଦାର ଉପରେ ବସାଇ ଦିଏ ତିନି ଚାରିଟା ପାହାର ।

ମୁର୍ଦ୍ଦାରର ମୁଂଡ଼ଟା ହୁଏତ ଚୂନାଚୂନା ହୋଇ ଯାଏ—ଦେହ ବାହାରି ପଡ଼ି ଖଂଡ଼େ ଚଉଡ଼ାରେ ନିଆଁ ହୁଭିଯାଏ । ଅମାନିଆ ଗୋଡ଼ଟା ଠେଂଗା ମାଡ଼ରେ ଆଂଠୁରୁ ଭାଂଗି ପଡ଼ି ଲେଟେ ତଳେ କାଠ ସଂଧିରେ । ପେଟଟା ଫାଟି ହୋଇଯାଏ ଦି'ଫାଳ, ଅଂତନାଡ଼ି ଭିତରେ ଭିତରେ ନିଆଁର ଲହ ଲହ ଜିଭ ଗୁଉଁ ଗୁଉଁ ଖେଳିଯାଏ । ଆଖି ପିଛୁଳାକରେ ସବୁ ଜଳିପୋଡ଼ି ହୋଇଯାଏ ପାଉଁଶ ।

ଆଂଠୁଏ ପାଉଁଶ, କୁଇଲା, ଭୁଂଗୁଣୀ, ହାଂଡ଼ି, ଖପରା, ଛିଂଡ଼ା କନ୍ଥା ସଂତସଂତିଆ ମଶାଣି ପଦା । ନଖ, ବାଳ, ଟିକି ଟିକି ହାଡ଼, ଅଲରା ବଲରା [illegible] !!

ଜଗୁ ଢଆଡ଼ି ଖୁସି ହୋଇ ଫେରି ଆସେ । ପୋଖରୀ ତୁଠରେ ତେଲ ଲଗାଉ ଲଗାଉ ଜଂଘ ଉପରେ ଥାପୁଡ଼ା ମାରି ଆରାମରେ କହେ "ଦିଅଁଂକ କୃପାରୁ କାମଟା ସୁରୁଖୁରୁରେ ବଢ଼ିଗଲା ।"

Digitized by PPRACHIN, SOA

ଗାଆଁରେ ଯେତେବେଳେ ଝାଡ଼ାବାନ୍ତି ବ୍ୟାପେ—ଠାକୁରାଣୀ ପଡ଼ନ୍ତି—ମଡ଼ା କୁଡ଼ କୁଡ଼ ହୁଏ, ଜଗୁ ଡଆଙ୍ଗର ଖାତିର ସେତେବେଳେ ଗାଁରେ ଭାରି ବଢ଼ିଯାଏ । ସମସ୍ତେ ଆସି ତାଙ୍କୁ ଖୁସାମତି କରନ୍ତି । କିଏ ଆଖିରୁ ଲୁହ ଗଡ଼ାଏ, କିଏ ଖୋସାମତିରୁ ପଇସା ବାହାର କରେ, କିଏ ବା ହାତଯୋଡ଼ି ଧରି 'ବାପଲୋ ଧନଲୋ' କରେ । ଜଗୁ ଡଆଙ୍ଗ ବଡ଼ ଗମ୍ଭୀର ହୋଇ ସଭିଙ୍କ ନେହୁରା କଥା ଶୁଣେ, କିନ୍ତୁ ହଠାତ୍ କିଛି କହେ ନାହିଁ ।

"କାଲି ରାତିଠୁଁ ଘର ଭିତରେ ମଡ଼ା ପଡ଼ି ଗନ୍ଧେଇ ଗଲାଣି ।"

"ଭୁଆସୁଣୀ ବୋହୂଟା ଦୁଇଦିନ ହେଲା ଘର କଣରେ ମରି ସଢ଼ୁଛି···"

ଏହିପରି ନାନା ରକମର ଅଳି ଅଝଟ ଜଗୁ ପାଖରେ ଆସି ପହଞ୍ଚେ ।

ଜଗୁ ତାର ପାଉଣାପତ୍ର ବିଷୟରେ ଜମା କାହାରି ଉପ୍ରୋଧ ରଖେ ନାହିଁ । ଭରିଏ ଗଞ୍ଜେଇ, ଟୋଲାଏ ଅଫିମ, ଗୁଣ୍ଡିଏ ଅଣ୍ଟା ଖୋସା ନ ହେଲେ ସେ କୁଆଡ଼କୁ ଚଳିବ ନାହିଁ । ଏହାଛଡ଼ା କଞ୍ଚାଭାତ, ଗୁଠଲୁଗା, ଦଣ୍ଡଘର ଜମିତା ଇତ୍ୟାଦି ଉପୁରି ଲାଭ ରହିଛି ।

ସଧବା ସ୍ତ୍ରୀ ଲୋକଙ୍କ ମଡ଼ା ହେଲେ ଜଗୁର ଟିକିଏ ଲାଭ ବେଶୀ । ଥିଲାଘର ହୋଇଥିଲେ କାନର ନୋଳିଟା, ମଲିକଡ଼ିଟା, କିମ୍ବା ନାକର ଗୁଣାଟା ଆଉ ନ ଥିଲା ଘର ହୋଇଥିଲେ ଗୋଡ଼ ଆଙ୍ଗୁଠିର ରୂପାମୁଦିଟା ଜଗୁକୁ ଭାଇ ଦକ୍ଷିଣା ମିଳେ । ମୁର୍ଦାରଟାକୁ ନିଆଁରେ ଚଢ଼ାଇବା ଆଗରୁ ସେ ତା' ଦେହଟାକୁ ଖିନଭିନ କରି ପରଖି ନେଇ କେଉଁଠି ଅଳଙ୍କାରପତ୍ର କିଛି ଅଛି କି ନାହିଁ ଦେଖେ, ଥିଲେ କାଢ଼ି ରଖେ । ବେଳେ ବେଳେ ମଡ଼ା ଦେହରୁ ନୋଳି, ମଲିକଡ଼ି କି ଗୁଣା, ବସଣି ସହଜରେ ନ ବାହାରିଲେ ଜଗୁ ଡଆଙ୍ଗ ବିରକ୍ତ ହୋଇ ଦାନ୍ତ କାମୁଡ଼ି ବହୁତ ଝିଙ୍କା ଓଟରା କରି ଅଳଙ୍କାରଗୁଡ଼ାକ ମୁର୍ଦାରର ନାକରୁ, କାନରୁ ଛିଣ୍ଡାଇ ଆଣେ । ନାକଦଣ୍ଡି ଛିଣ୍ଡିଯାଏ, କାନଟା ଖଣ୍ଡିଆ ହୋଇଯାଏ, ନେଳିଆ ନେଳିଆ ପାଣିଆ ରକ୍ତ ବୋହିଆସି ଶବଟାର ମୁହଁ ଯାକ ସାଲୁ ବାଲୁ ହୋଇଯାଏ; କିନ୍ତୁ ଜଗୁ ଡଆଙ୍ଗର ସେଥିପ୍ରତି ଖାତିର ନ ଥାଏ । ଏଇଟା ତାର ନିତିଦିନିଆ ଦେହ ଘଷିଆ କାମ, ଏକ ପ୍ରକାର ଉପରି ବୃତ୍ତି । ଇମିତି କରି କରି ସେ ପଥର ପାଲଟି ଯାଇଛି ।

ପୋଖତ ମୁର୍ଦାର ମିଳିଲେ ଜଗୁ ଡଆଙ୍ଗ ଧୋବଲି ଚକଟିଏ ଅଣ୍ଟାରେ ନ ଖୋସିଲେ କାନ୍ଧକୁ କୋକେଇ ଉଠାଇବି ନାହିଁ । ତା'ପାଉଣାରୁ ଟିକିଏ ଏପାଖ ସେପାଖ ହେଲେ ସେ ବାସିମଡ଼ା କରି ଦେବ ବୋଲି ଧମକ ଦିଏ—ଅନ୍ୟ ମାଲଭାଇମାନଙ୍କୁ ଶିଖେଇ ମତେଇ ମେଳିବାନ୍ଧି ଅଡ଼ି ବସେ ।

ଚଂକାଟାଏ ମିଳିଗଲେ ଅହ୍ୟ ଡେଙ୍ଗୁରାର ତାଲେ ତାଲେ ପାଦ ପକାଇ "ରାମ ନାମ ସତ୍ୟ ହେ" ପାଟି କରି ଜଗୁ ଡଆଙ୍ଗ ବଡ଼ ପଡ଼ିଆରେ ଦାଣ୍ଡ ମଝିରେ ପାହୁଲ ପକାଇ ଚାଲେ । ତାର ମୁଗୁନି ପଥର ପରି କଳା ଦେହରେ ଧଳା ପଇତା ଖିଅକ ଦୂରରୁ ଜକଜକ ଦିଶୁଥାଏ··· ।

Digitized by PPRACHIN, SOA

ତାର ବଡ଼ ପାଟିରେ ଗାଁଆ ସାରା ଉଚ୍ଛୁଳି ପଡ଼େ । ସାହିଯାକର ମରଦ ମାଇପେ ଆସି ଦାଣ୍ଡରେ ଗଦା ହୋଇଯାଆନ୍ତି । ସାନ ସାନ ପିଲାଗୁଡ଼ାକ ଡର ଭୟରେ ଯାଇ ଲୁଚନ୍ତି ଘରେ ।

ମଶାଣିରେ ଧୋବା ଗୋଟାଏ ନହୁରୁଣୀରେ ଗର୍ଭିଣୀ ମାଇପିର ପେଟ ଫାଡ଼ି ପିଲାଟାକୁ ବାହାର କରି ଦେଲେ ଜଗୁ ଡାଆଣ୍ଡି ଦୁଇଟା ବୁଲି ଖୋଳି ମା' ପିଲା ଦିହିଁଙ୍କ ଚିତ୍‌ପଟାଙ୍ଗ୍ କରି ଶୁଆଇ ଦିଏ । କେବେ କେବେ ପୁଣି ଗୋଟାଏ କୂଇରେ ଦୁହିଁଙ୍କ ଲଗାଲଗି କରି ଏକାଠି ଶୁଆଇ ଦେଇ ନିଆଁ ଲଗାଇ ଦିଏ । ଗୋଟାକରେ ଜାଗା ନ ହେଲେ କେଂଚଣାକାଠି ଖଣ୍ଡ-କରେ ସେ ପିଲାଟାକୁ ଲେଗ୍ କୋଗ୍ କରି ମାଉଁସ ପିଣ୍ଡୁଳାଏ ପରି ଜଳାଂତା କାଠ ସଂଧିରେ ଫୋପାଡ଼ି ଦିଏ ।

ଏହିପରି ଭାବରେ ଜଗୁ ଡାଆଣ୍ଡି ଅମଳ ହେଉଥିବା ଧାନ କେତେ ଭରଣ ବାଦ ଦେଲେବେଳେ ଉପୁରି ଦି'ପଇସା ରୋଜଗାର କରି ନିଜେ ଚଳେ, ଘର ଚଳାଏ, ଦବାନିଶା, ବାହା ବେଭାର କରେ ।

କେହି ତାକୁ ମୁହଁ ଫିଟାଇ କିଛି କହି ପାରନ୍ତି ନାହିଁ । ସେ ଗାଁରେ ଜଗୁ ଛଡ଼ା ଅନ୍ୟ ପୋଖତ ଜାଣିଲାବାଲା ବ୍ରାହ୍ମଣ ମାଲଭାଇ ଆଉ କେହି ନାହାଂନ୍ତି ।

କେହି ଜଗୁର ପାଉଣା କମାଇବାକୁ ବସିଲେ ଜଗୁ ନିଜର କୃତିତ୍ୱ ତୁଳନାରେ ସେ ଦାବୀ କରୁଥିବା ପାଉଣା କିଛି ନୁହେଁ ବୋଲି ନାନା ପ୍ରକାର ଯୁକ୍ତି ଦେଖାଏ । ନିଜର ପଣ୍ଡିଆରି ଦେଖାଇବାକୁ ଯାଇ ସେ ଅତୀତର ନାନା ଘଟଣାର ପୁନରାବୃତ୍ତି କରି ପ୍ରମାଣ କରେ ଯେ ତା' ଭଳି ମୂର୍ଦ୍ଦାର ପୋଡ଼ିବା ଲୋକ ଏ ଜଗତରେ ଦୁଇଜଣ ନାହାଂନ୍ତି । ସେ ଖୁବ ଗର୍ବ ଅନୁଭବ କରେ ।

ଗତ ସାଲେ ନରସିଂହ ମିଶ୍ରଂକ ଭାରିଯାକୁ କମିତ ଝୁ ଝୁ ଅଗ୍ନିନକ ମେଘବର୍ଷାରେ ପୋଡ଼ିଦେଇ ଅଇଲା, ଅଇଲାବେଳେ ସାତଗଛିଆ ତୋଟା ମୁଣ୍ଡରେ କମିତ ଗୋଟାଏ ବେକକଟା ମାଦଳ ହାବୁଡରେ ପଡ଼ିଲା, ତାପରେ ପୁଷ୍ପମାସିଆ ଶୀତଦିନ ରାତିରେ କମିତ ଜଳଓଦର ବେମାରରେ ମରିଥିବା ନାଥ ବ୍ରହ୍ମାକୁ ପୋଡ଼ିଲାବେଳେ ମୂର୍ଦ୍ଦାର ପେଟରୁ ଦୁଇମାଠିଆ ପାଣି ବାହାରି ଆସି କୁଇ ନିଆଁ ନିଭାଇ ଦେଲା, ଜଗୁ ପୁଣି କମିତ କୌଶଳ କରି ଏଡ଼େବଡ଼ ଅସାଧ ମଡ଼ାକୁ ପୋଡ଼ି ପାରିଲା, ଏହିସବୁ ପୁରୁଣା କାହାଣୀଗୁଡ଼ାକ ବଡ଼ ଦକ୍ଷଭାବରେ ସେ ବର୍ଣ୍ଣନା କରିଯାଏ ।

ଜଗୁ ଡାଆଣ୍ଡିର ଅଭିଜ୍ଞତା ଓ ମୂର୍ଦ୍ଦାର ଡାହା ବିଦ୍ୟାର ଅଗାଧତା ଯେ କେତେ ବେଶୀ ତାହା ଯେ କୌଣସି ଗ୍ରାହକ ତା ସହିତ ଘଡ଼ିଏ କଥାନ୍ତରୀ ହେଲେ ବେଶ୍ ବୁଝି ପାରିବ ।

ରୋଜ ସଂଜବୁଡ଼େ ଜଗୁ ଡାଆଣ୍ଡି ଭାଗବତ ଘରେ ବସି ନିଜ ଅନୁଭୋଗ କଥାଗୁଡ଼ାକ ସମସ୍ତିଂକ ଥରେ ଲେଖାଏଁ କହି ଶୁଣାଏ । ଝିପି ଝିପି ମେଘୁଆ ପାଗରେ ଅନେକ ଶ୍ରୋତା

Digitized by PPRACHIN, SOA

ତାକୁ ଘେର ବସଂତ । ଗଂଜେଇ ଚଲମରୁ ଦମେ ଟାଣି ଜଗୁ ପହଲୁ ଗୋଟାଏ ଗଳା ଖଂକାର ମାରେ । ଶ୍ରୋତାମାନେ ବୁଝି ପାରଂତ ଯେ ଗପ ଆରଂଭ ହେବ ।

ଥରେ ଗୋଟାଏ ପୋଇଷ୍ଟି ମଡ଼ା ଡାହା କରି ଫେରିଲାବେଳେ ମୁକ୍ତାଙ୍ଗର ପାଖ ଦୋକାନିଆ ଆଂବଗଛ ତାଳ୍ହିଁରେ ବସି ଗୋଟାଏ ପିତାଶୁଣୀ କମିତି ଏଂଗୁଡ଼ି ଜାଲ ତା' ପିଲାକୁ ଯେଳୁଥିଲା—ତାହା ଏକ ନିପୁଣ ଚିତ୍ରକର ଭଳି ଜଗୁ ବର୍ଣ୍ଣନା କରିଯାଏ । ଶ୍ରୋତାମାନେ ଡରରେ ଟିକିଏ ଜାକିଜୁକି ହୋଇ କାଂଥକୁ ଲାଗି ବସଂତ ।

ଏହିପରି ଭାବରେ ସେଇ ଶ୍ରେଷ୍ଠ ବ୍ରାହ୍ମଣ ଶାସନଟିରେ ଜଗୁ ତିଆଡ଼ିର ଜୀବନ କଟେ ।

ଅଗ୍ନିମାସ ରାତି । ସଂଜବେଳୁ କମିତି ଟିକିଏ ମେଘୁଆ ହୋଇଛି । ଜଗୁ ତିଆଡ଼ିର ମୁଂଡ଼ଟା ଭାରି ବିଂଧୁଥାଏ ନା କଣ, ସେ ଦୁଇ କାନ ପାଖ କପାଳରେ ଟିପେ ଲେଖାଏଁ କଲିଚୂନ ବୋଳି ମୁଂଡ଼ରେ କଂପୋଟର ଗୁଡ଼ାଇ ଦାଂଡ଼ପଟ ଗୁଂଦନା ଉପରେ ବସି ହରିବଂଶ ଶୁଣୁଥିଲା ।

ଗାଆଁ ଭିତରେ କାଂଦଣା ଶୁଣାଗଲା । ଆଉ ସାହି ଦୋକାନରୁ ପାନଗୁଆଗୁଂଡ଼ି ଧରି କିଏ ଜଣେ ବାହୁଡ଼ୁଥିଲା । ସେ ଖବର ଦେଲା ଯେ ଜଟିଆ ମା ବୁଢ଼ୀର ବୋହୂଟି ମରି ଯାଇଚି ।

ଗୁହୁଁ ଗୁହୁଁ ଗାଆଁ ଗୋଟାକରେ ହରି ଶବ୍ଦ ପଡ଼ିଗଲା । ଜଗୁ ତିଆଡ଼ି ଦି ପଇସା ରୋଜଗାର ହେବ ଭାବି ମନେ ମନେ ଖୁସିଟାଏ ହେଲା ।

କେତେ ଲୋକ ଆସି କେତେ କଥା କହିଗଲେ । ସାହି ମାଇପେ ବାରକଥା ଫୁସୁଫାସୁ ହେଲେ । କିଏ ସେ କହିଲା "ପାପଗର୍ଭ ହୋଇଥିଲା", ଅନ୍ୟ କିଏ କହିଲା "ପେଟ ଭଂଗେଇବା ପାଇଁ କଣ ଔଷଧ ମଉଷଧ ଖାଇଥିଲା—ବିଷ ଚଢ଼ିକି ଯାଇ ଦେହ ଫାଟି ଗଲା ।"

ଜଗୁ ତିଆଡ଼ି ଗୁମ୍ ହୋଇ ସବୁ ଶୁଣିଲା, ମୁହଁ ବଂକେଇ ଦେଲା । ଜାତିରେ ଅଟକ ହେବା ଭୟରେ ସେ ଏଡ଼େ ବଡ଼ ରୋଜଗାରର ସବୁ ଆଶା ଛାଡ଼ି ଦେଲା ।

ଜଟିଆମା ବୁଢ଼ୀର ସଂସାରରେ କେହି ନାହିଁ—ଶାଶୁ ବୋହୂ ଦି'ଜଣ । ପୁଅଟି ହେବାର ମାସକ ପରେ ପୁଅ ଯାଇଥିଲା କଲିକତା—ଟଂକା ରୋଜଗାର କରି ଦେଣା ଶୁଝିବ ବୋଲି । ତିନିବର୍ଷ ହେଲାଣି କିଛି ଖୋଜଖବର ନାହିଁ । ପ୍ରଥମେ ଚିଠି ଖଂଡ଼େ ଖଂଡ଼େ ଦଉଥିଲା । କିଂତୁ ବର୍ଷେ ହେଲା ସେତିକ ବି ବଂଦ । ସେ ଗାଆଁର କେତେକ କଲିକତା ଫେରଂତା ବ୍ରାହ୍ମଣ ପୁଅଙ୍କ କହଂତି ଯେ ସେ କେଉଁଠି ଗୋଟାଏ ମାଇକିନିଆ ଧରି କଲିକତା ମାଟିଆ ବୁରୁଜରେ ରହିଚି । ଟଙ୍କା ଥିଲା ଖାଲି ବୋହୂଟି । ଆଜି ସେ ତ ଗଲା, ସଙ୍ଗେ ସଙ୍ଗେ ବୁଢ଼ୀ ମୁଂଡ଼ରେ ଲଦି ଦେଇ ଗଲା କାଳକାଳକୁ ଅପବାଦର ବୋଝ । ବୁଢ଼ୀ ବ୍ରାହ୍ମଣୀର ମୁଂଡ଼ରୁ ହାତ ଛାଡ଼ୁନାହିଁ ।

Digitized by PPRACHIN, SOA

ତାର ଅବସ୍ଥା ସେ ଦିନ ଗାଆଁକୁ ଗଲେ ସବୁ ନ ଥାଂତା, କିଂତୁ କେତେଜଣ ଗାଆଁର ମୁରବି ମଣିଷ ବାହାରି କଥାଟାକୁ ସମ୍ଭାଳି ନେଲେ । ବଡ଼ ବଡ଼ ମୁରବିମାନେ ବୋହୂକୁ ଆଗରୁ ଯାବତା କରି ନ ଥିବା ଯୋଗୁଁ ଜଟିଆମାକୁ ଗୁଡ଼ାଏ ଗାଳିମଂଦ ଦେଲେ ମଧ୍ୟ ଶେଷକୁ ଫଇସଲା କରିଦେଇ କହିଲେ, ଜଲଦି ଲାସ ଖତମ କରି ଦେବାକୁ ହେବ । ନୋହିଲେ ଗ୍ରାମଟିଆ ଥାନାରେ ଖବର ଦେଲେ ମୋଟା ଶାସନ ନାଆଁରେ କଳଂକ ରହିବ, ସମସ୍ତେ ତ ପୁଣି ଝିଅବୋହୂ ଧରି ଘର କରିଛଂତି ।

ଜଟିଆମା ବୁଢ଼ୀ ଦାଂତରେ କୁଟା ଦେଇ ସମସ୍ତିଂକୁ କୋଟି ପ୍ରଣାମ କଲା । ତାକୁ ଏ ଘୋର ବିପଦରୁ ରକ୍ଷା କରିଥିବା ଯୋଗୁଁ ସମସ୍ତଂକ ପାଖରେ କେତେ କୃତଜ୍ଞତା ଜଣାଇଲା ।

ମଡ଼ା କାଂଧେଇବା ପାଇଁ ଗାଆଁର ତିନି ଚାରି ଜଣ ଟୋକାଟିଆ ଆଗଭର ହୋଇ ବାହାରିପଡ଼ିଲେ । ପାଲ ଦଉଡ଼ି ବଳା ହେଲା, କୋକେଇ ସଜଡ଼ା ହେଲା, କୁଲା, ଖପରା, ଶିକା, ଗୁଂଚୁଣୀ, କାଠବାଡ଼ି ସବୁ ଆସି ଦାଂଡ଼ରେ ଥୁଆ ହେଲା । ମୃତାଚର ଉଦି ମୁଂଡ଼ରେ ଲୁଗା ଗୁଡ଼ାଇ ସମସ୍ତେ ତାକୁ ଟେକି ଆଣି କୋକେଇରେ ବାଂଧିଲେ । ମାତ୍ର ଜଣେ ପୁରୁଷ ମାଲଭାଇ ନ ହେଲେ ନ ଚଳେ । ଅଧଘଂଟାକ ଭିତରେ ଲାସ ଖତମ ନ କଲେ ବିପଦର ଆଶଂକା; ଥାନା ବାବୁ ଖବର ପାଇବେ ତ ଗାଆଁଯାକ ସମସ୍ତେ ବଂଧା ହୋଇ ଯିବେ । ଗାଆଁରେ ତ ଖଚୁଆ ଲୋକର ଅଭାବ ନାହିଁ ।

ମୁରବିମାନେ କହିଲେ—'ଜଗୁଆଡ଼ିଂକୁ ଡାକ । ଜଗୁଆଡ଼ି ନ ଗଲେ ଏଡ଼େ ବଡ଼ କାମ ଯୁରୁଖୁରୁରେ ତୁଟିବ ନାହିଁ ।

ଜଗୁଡ଼ିଆଡ଼ି ପାଖକୁ ଡକରା ଗଲା, ମାତ୍ର ଜଗୁଡିଆଡ଼ି ଅମଂଗ । ସେ ଏକା ଜିଦ୍ ଧରି ବସିଲା । କହିଲା—"ପାପଗର୍ଭ ହୋଇ ମରିଚି । ମୁଁ ସେଇଟାକୁ ଛୁଇଁବି ? ଅସତୀ ଦୋଗୁରୁଣୀଟାକୁ ମୁଁ କାଂଧରେ ବସେଇବି ?"

ସମସ୍ତେ ଫାଟିଫୁଟି ଗଲେ । ଜଗୁ ଅଟଳ, ଅଟଳ ।

ଶେଷରେ ଗାଆଁର ବୁଢ଼ା ବୁଢ଼ା ମୁରବିମାନେ ବହୁତ କୁହାବୋଲା କରିବାରୁ ଜଗୁଡିଆଡ଼ି ମୁର୍ଦାର କାଂଧେଇବାକୁ ରାଜି ହେଲା; ମାତ୍ର ପାଂଚଟଂକା ନ ପାଇଲେ ସେ ଏଡେବଡ଼ ପାପକର୍ମ କରି ପାରିବ ନାହିଁ ବୋଲି ସଫା ଜଣାଇ ଦେଲା । ଜଟିଆମା ବୁଢ଼ୀର ସବୁଗାଡ଼ ଖୋଳା ହୋଇ ଯାହା ବାହାରିଲା ତାହା କାଠ, କିରାସିନ, ଖୋବା ଭଂଡ଼ାରିକୁ ନିଅଂଟ । ଶେଷରେ କଥା ତୁଂଡ଼ିଲା ବୋହୂ ନାକଟିରେ ଯେଉଁ ସୁନା ଗୁଣାଟି ଅଛି, ସେଇଟାକୁ ଜଗୁଡିଆଡ଼ି ପାଇବ ।

ଜଗୁଡିଆଡ଼ି ଖୁସିହୋଇ ଡାକ ଛାଡ଼ିଲା—"ରାମନାମ ସତ୍ୟ ହେ ।"

Digitized by PPRACHIN, SOA

ମଶାଣି ପଦା—ସଂତସଂତଆ, ଅନ୍ଧାର । ହାଂଡ଼ି, କାଠ, ମଣିଷମୁଂଡ଼, କୁଳ, ଆଟିକା, ପୋଡ଼ାଅଂଗାର ଭିତରେ ଗଦା ଗଦା ପାଉଁଶ ! ଚାରିଆଡ଼ୁ ଭାସି ଆସୁଛି ଗୋଟାଏ ବିକଟ ଆଇଁଷିଣିଆ ଗଂଧ !

'ପଥଗ୍ରାଜ' ମାଇଲା । ଜଗୁତଆଡ଼ି ଗୋଟାଏ ମସ୍ତବଡ଼ ଚୁଲି ଖୋଳିଲା । ତା'ପରେ ମୁର୍ଦାରଟାକୁ ନେଇ କାଠ ଗଦା ଉପରେ ଚତ୍ କରି ଶୁଆଇ ଦେଇ ତା ମୁହଁରୁ ଲୁଗା କାଢ଼ି ଦେଲା ।

ଘୁ'କା ଭରି ଓଜନର ସୁନା । ଲଂଠଣ ଆଲୁଅରେ ଜଗୁତଆଡ଼ି ଦେଖିଲା ଗୁଣାଟା ମୁର୍ଦାରର ନାକ ଉପରେ ଚକ୍ ଚକ୍ କରୁଛି !

ମେଘ କଟିଯାଇ ଆସ୍ତେ ଆସ୍ତେ ଜହ୍ନ ପଡ଼ୁଛି, ମୁର୍ଦାରର ଶେତା ଧଳା ମୁହଁ ଉପରେ ଜହ୍ନ ଆଲୁଅର ଝିଂପସା ଛାଇ ।

ସଂଗୀ ଭାଇମାନେ କହିଲେ "ଜଲ୍‌ଦି ଜଲ୍‌ଦି କାମ ସାର । ପୁଲିସ ଆସିବ ତ ସବୁ ଭଂଡ଼ୁର ହୋଇଯିବ !"

ଜଗୁ ଗୁଣାଟାକୁ ନାକରୁ ଛିଂଡ଼ାଇ ଆଣିବାକୁ ହାତ ବଢ଼ାଇଲା ! ସେ ଦେଖିପାରିଲା ଶ୍ରେଷ୍ଠ ବୋହୂଟିର ଫିକା ମୁହଁଟି ଜହ୍ନ ଆଲୁଅରେ ଗୋଟିଏ ଦରମଉଳା କଇଁଫୁଲ ପରି ଦେଖା ଯାଉଛି । ତା' ମୁହଁ ଚାରିପଟେ ଘେରି ରହିଛି ଗୋଟାଏ କଳା କଳା କୁଂଚକୁଂଚିଆ ବାଳର ଜଂଗଲ । ଠିକ ଯେମିତି ଆକାଶର ଚାଂଦ ପଛଆଡେ ଜମି ରହିଛି କଳା ମେଘର ବହଳିଆ ଛାଇ ।

ବୋହୂଟିର ମୁହଁ ଉପରେ ପହଁରି ପହଁରି ଖେଳୁଛି, ମଉଳା ଫୁଲର ଲାବଣ୍ୟ ! ! ତାର ଅଲରା ସଲରା ବାଳଗୁଡ଼ିକ ଉପରେ ଜହ୍ନ ଆଲୁଅ ନଇଁଗଡ଼ି ଖାଂଗି ଲାଂଗି ନୋଟି ଯାଉଛି ।

ଜଗୁ ହାତ ଫେରାଇ ଆଣିଲା ; ତା' ପରେ ସେ ଅନାଇଲା ଆକାଶରେ ଫିକା ଜହ୍ନଟା ଆଡକୁ ।

ଜଗୁ ଇମିତି ଅନେକ ମୁର୍ଦାର ପୋଡ଼ିଛି । କିଂତୁ କେବେ ହେଲେ ଦିନେ ସେ ମନ ଭିତରେ ଇମିତି ଝଡ଼ ଅନୁଭୋଗ କରିନାହିଁ । ଏହି ଶ୍ରେଷ୍ଠ ସୁଂଦର ମୁହଁଟିକୁ ଅସୁଂଦର କରି ସୁନାର ଗୁଣାଟାକୁ କାଢ଼ି ଆଣିବାକୁ ତାର ହାତ ଚଳିଲା ନାହିଁ । ବୋହୂଟିର ନାକଟି ଉପରେ ସେ ଗୁଣାଟା ତା' ଆଖିରେ ଭାରି ଚମତ୍କାର ଦେଖା ଯାଉଥିଲା । ସେ ଏହି ନାକଟି ସଂବଂଧରେ କେତେ କଣ ମନ ଭିତରେ ଭାବି ଯାଇଥିଲା !

ଏହି ସମୟରେ ଜଗୁର ମନେ ପଡ଼ିଲା, ଆଉ କିଛି ଦିନ ଯାଇଥିଲେ ବୋହୂଟି ହୁଏତ ହୋଇଥାଂତା ଗୋଟିଏ ମାଆ । ଆଉ ହୁଏତ କେତେ କଣ ସେ ହୋଇ ପାରିଥାଂତା, କିଂତୁ କିଛି ସେ ହୋଇ ପାରିଲା ନାହିଁ ।

କାହାର ଦୋଷ ?

Digitized by PPRACHIN, SOA

ଛୁପି ଛୁପିକା ଜହ୍ନ ଆଲୁଅର ଅପରଂପ ସମୁଦ୍ର ମଝିରେ ନିର୍ଜନ ମଶାଣି ପଦାର ଲଂଗଳା ବୁକୁ ଉପରେ ଶୋଇଥିଲା ଗୋଟିଏ ଦରଫୁଟିଲା ନାରୀ, ଏକୁଟିଆ ! ! ବାସ୍ତବିକ ବଡ଼ ଏକୁଟିଆ ସେ । ମଡ଼ାବୁହା ଜଗୁ ଡିଆଡ଼ି ତାକୁଇ ନିରେଖି ନିରେଖି ଦେଖୁଥିଲା । ତାର ଅଶିକ୍ଷିତ ଗାଉଁଲି ମନ ନିଜ ଭାଷାରେ ଭାବୁଥିଲା—ବାସ୍ତବିକ ଭାରି ଏକୁଟିଆ ସେ, ଖାଲି ଆଜି ନୁହେଁ, ଜୀବନସାରା ଧରି ସେ ଇମିତି ଏକାକିନୀ । ଏଇ ନିସ୍ତୁଟିଆ ଦହଘଷିଆ, ଏକ ଘରକିଆ ଜୀବନକୁ ବଦଳାଇ ଟିକିଏ ଅନ୍ୟ ପ୍ରକାର କରି ବଂଚିବାର ସ୍ୱାଦ ଅନୁଭବ କରିବାକୁ ଯାଇ ସେ ଆଜି ହୁଏତ ହୋଇଛି ମଶାଣିର ମଡ଼ା ! ବୋହୂଟିର ପାଉଁଶିଆ ମୁହଁ ଭିତରେ ସେ ଦେଖି ପାରିଲା ଅନେକ ଦିନର ବଂଚିବାର କ୍ଷୁଧା ।

ଜଗୁକୁ ଡେରି କରୁଥିବାର ଦେଖି ସଂଗୀ ମାଲିଖାଇମାନେ ବିରକ୍ତ ହେଲେ । ଧମକ ଦେଇ କହିଲେ—"ତୁ ଇମିତି ଡେରି କଲେ ଆମେ ମୁର୍ଦ୍ଦାର ଫୁର୍ଦ୍ଦାର ଛାଡ଼ି ପଳାଇ-ଯିବୁ । ପୁଲିସ ଆସିବ ତ କିଏ ଦାୟୀ ହେବ ? ନେ—ତୋ ଗୁଣ୍ଠା ବାହାର କରି ନେ । ନୋହିଲେ ଆମେ ନିଆଁ ଲଗାଇ ଦେବୁ । ଗୁଣ୍ଠା ନେବୁ ବୋଲି ତ ମରି ଯାଉଥିଲୁ, ଇଲିଗେ ଇମିତି ହାତ ଚଳୁନାହିଁ କିଆଁ ?"

ଜଗୁ ଡିଆଡ଼ିର ସ୍ୱପ୍ନ ଭାଂଗିଗଲା । ସେ ବଡ଼ ଲଜ୍ଜିତ ବୋଧ କଲା । ତଥାପି ଭିତର ଦୁର୍ବଳତାକୁ ଗୁପି ରଖିବା ପାଇଁ ସେ ବାହାରେ ପ୍ରକାଶ କଲା—

"ଛି ! ଛି ! ଏ ମୁର୍ଦ୍ଦାର ଗୁଣ୍ଠାକୁ ମୁଁ ଘରେ ଭର୍ତ୍ତି କରିବ ? ସେ ଯେ ପାପ ଗର୍ଭ—"

ସଂଗୀମାନେ ପଚାରିଲେ, "ତୁ ତେବେ ନବୁ ନାହିଁ ? ଆମେ ନିଆଁ ଲଗାଉଛୁଁ ?"

ଜଗୁ ଡିଆଡ଼ି ଅନ୍ୟମନସ୍କ ଭାବରେ ଜବାବ ଦେଲା—"ହଁ, ହଁ, ନିଆଁ ଲଗାଇ ଦିଅ । ଭଲ କରି ନିଆଁ ଲଗାଅ । ସବୁ ଯିମିତି ଜଳି ପୋଡ଼ି ପାଉଁଶ ହୋଇଯିବ ।"

ହୁରୁ ହୁରୁ ହୋଇ ନିଆଁ ଜଳି ଉଠିଲା । ନିଆଁର ଲକ୍ ଲକ୍ ଜିଭ ନିମିଷକେ ସବୁ ଗୃଟି ନେବାପାଇଁ ବସିଥିଲା । ବୋହୂଟିର ଗୋରା ମାଉଁସିଆ ଦେହଟା ନିଆଁରେ ସିଝି କଳାକାଠ ପଡ଼ିଗଲା, ତା'ପରେ ଫୋଟକା ହୋଇ ସେଥିରୁ ପରସ୍ତକୁ ପରସ୍ତ ଚୋପା ଛାଡ଼ିଗଲା ।

ଜଗୁ ଡିଆଡ଼ି ନିସ୍ତବ୍ଧ ହୋଇ ସେଇ ପୋଡ଼ି ଯାଉଥିବା ଦେହଟା ଆଡ଼କୁ ଚାହିଁଥିଲା ।

ଦୂର କୋଶଲବୁଦା ଉପରେ ପେଚା, ଶାଗୁଣା ଆଉ ଭିରିକୁଲୁଡ଼ାମାନଂକର ହାଟ ବସିଥିଲା । ଅନେକ ଦୂରରୁ ଧାନବିଲ ଆରପାରିରୁ ଏଇ [illegible]ରେ ଭାସି ଆସିଲା ଗୋଟିଏ ଅଂଡିରା ବିଲୁଆର କାନଫଟା ଭେକାଳିରଡ଼ି ।

ଅମା—ଅଂଧାର—ହାଡ଼, ପାଉଁଶ, ଅଂଗାର । ଜୁଇ ଭିତରୁ କିମିତି ଗୋଟାଏ ପରୁ ପୋଡ଼ା ଗଂଧ ପବନରେ ଭାସି ଆସି ଗୃହଆଡ଼େ ବଂଚି ହୋଇଗଲା ।

Digitized by PPRACHIN, SOA

ସଂଗୀ ଭାଇମାନେ ଜଗୁକୁ ଉଦ୍ଦେଶ୍ୟ କରି କହିଲେ—"ତୁ ସେଇ ଦୋଗୁରୁଣୀଟାର ଅଲଙ୍କାରଗୁଡ଼ାକ ତୋର ପିଲାଛୁଆ ଘରେ ଭର୍ତ୍ତି ନ କରି ଖାଇ ଭଲ କରିଚୁ ଭାଇ । ବଡ଼ ଅମଙ୍ଗଳ ହୋଇଥାନ୍ତା ତୋର । ଦେଖୁନୁ କେମିତି କଲବଲ ହୋଇ ମଲା ? ନିଜ ପେଟର ପିଲଟାକୁ ଯେ ମାରିବାକୁ ଯାଉଥିଲା, ନିଜେ ସେ ମରନ୍ତା ନାହିଁ ? ଧର୍ମ କଣ ନାହିଁ ?"

ସେଇ ଜଳନ୍ତା ପାଉଁଶ ଭିତରେ ଆଖି ବୁଲାଉ ବୁଲାଉ ବିରକ୍ତ ହୋଇ ଜଗୁ କହିଲା—"ଥାଉ, ଥାଉ, ଅନ୍ୟକୁ ବିଚାର କରନାହିଁ । ମଣିଷ କଣ ମଣିଷକୁ ଠିକ୍ ବୁଝିପାରେ ?"

Digitized by PPRACHIN, SOA

ମଲ୍ଲି କଇ

ଉଦ୍‌ଉଦିଆ ଦିପହର ।

ଝାଁଇଁ ଝାଁଇଁ ଝଗ୍‌ରା ପବନରେ ଗଛ, ବୃଛ, ନଈ, ପତର, କଂଟା, ଅରମା ସବୁ ଆଲୁଳା ହୋଇ ଆଉଜି ପଡ଼ୁଚଂତି । ବୁଦ୍‌ବୁଦିଆ ଟାଂଗି ଭୂଇଁର ବୁକୁ ବିଦାରି ବହୁଦୂରରୁ ଭାସି ଆସୁଚି ଗୋଟାଏ ବଣ କାପ୍ତାର କାଦଂଣା ···।

'ତଂଟିକଟା' ଝର ପାଖରେ ଗୋଟାଏ ଆଂବଗଛ ମୂଳରେ ବସି ଲୋଚନା ଝିଂଟେ ଟିଣ ବାଡ଼େଇ ଚଢ଼େଇ ଉଡ଼ଉଚି । ଆଗରେ ପାଚିଲା ଖେତ—ହଳଦିଆ ଧାନଗଛ ଉପରେ ପହଁରି ପହଁରି ଖେଳୁଚି ମୁକୁଳା ପବନର ଢେଉ ।

ସେ ହାତରେ ଧରିଚି ଗୋଟାଏ ତାଳପତ୍ର ଛତା—ସେଥିରେ ଖୋସା ହୋଇଚି ଝିଂଟେ ଭଦଭଦଳିଆ ପକ୍ଷି, ଆଉ ଝୁଲୁଚି ଝିଂଟେ ଧୂଡ଼ୁକା ସୂତା, ମଝିରେ ମଝିରେ ଲୋଚନା ଧୂଡ଼ୁକା ବଜେଇ ଗୀତ ଗାଉଚି—

'ଉଡ଼ିଗଲା ଗେଂଡ଼ାଳିଆ ଝାଡ଼ିଦେଲା ପର,
ତୁ ଛାଡ଼ିଲୁ ବାପ, ଭାଇ, ମୁଁ ଛାଡ଼ିଲି ଘର ।
ସାବାସେ—ବେଶ୍ ବେଶ୍ ଲୋ ।'

"ଗୋଟାଏ ଆଂବ ପାରିଦେବୁ ?"

ଲୋଚନା ଗୀତ ବଂଦ କରି ଚମକି ପଡ଼ିଲା । ପଛକୁ ଫେରି ଚାହିଁଲା ନଂସା ଝିଂଟେ ଧରି ସୁଂଦରୀ ଛିଡ଼ା ହୋଇଚି ।

"କିଏ, ସୁଂଦରୀ କିଲୋ, ଏତେବେଳେ କୁଆଡ଼େ ମ ?"

"ବାଆ ନାଗି ଭାତ ନେଇ ଯାଇଥିଲି ଯେ ଫେରୁଚି । ଗୋଟିଏ ଆଂବ ପାରି ଦିଅଂତୁ ?"

ସୁଂଦରୀ ଝିଂଟେ ଚିରା ଲୁଗା ଗଂଠେଇ ପିଂଧିଥିଲା । ମୁଂଡର ଅଲଗା ସଲଗା ଲୁଖୁରା ବାଳଗୁଡ଼ାକ ପଣତ ଫାଟରେ ବାହାରି ଆସି ଝୁରୁ ଝୁରୁ ହୋଇ ଏଣେ ତେଣେ ଉଡ଼ୁଥିଲା । ବେକର କାଇଁଚ ମାଳଟା ତାର ପୋଥ ହୋଇ ଯାଇଥିଲା ସେହି ମୁକୁଳା ବାଳଗୁଡ଼ାକ ଭିତରେ ।

Digitized by PPRACHIN, SOA

ଲୋଚନା ଟିକିଏ ଥଟ୍ଟା କରିବା ଲାଗି ଉପରକୁ ହାତ ଦି'ଟା ବଢ଼ାଇ କହିଲା—କାହିଁ, ମୋ ହାତ କଣ ଆମ୍ବଗଛକୁ ପାଉଛି ?

"ମଲା ମରଦ ପିଲା ତୁ, ଗଛ ଚଢ଼ି ଜାଣି ନାହୁଁ ?"

"କାଇଁ-ରେ, ନାଲି'ଗୁଡ଼ାକ ମୋ ହାତମୁଣ୍ଡ ଫୁଲା ଫୁଲା କରି ଝୁଣି ପକାଇବେ !"

ଲୋଚନାକୁ ହଇରାଣ କରିବା ଲାଗି ସୁନ୍ଦରୀର ମନ ବଳିଲା ନାହିଁ। ସେ ଟିକିଏ ଭାବି ଭାବି ଗୋଟାଏ ବୁଦ୍ଧି କାଢ଼ି କହିଲା—

"ଏତେ କଥା ପଡ଼ିଛି କାହିଁ ଯେ—ଗୋଟାଏ ଫୋପଡ଼ ଛାଡ଼ୁନାହୁଁ ?" ସେ ଗୋଟାଏ ଶୁଖିଲା ଆମ୍ବ ବାହୁଙ୍ଗା ସାଉଁଟି ଆଣିଲା।

ଲୋଚନା ଲକ୍ଷ କରି ଫୋପଡ଼ ଛାଡ଼ିଲା। ଏକା ଥରକେ ପୁଞ୍ଜାଏ କି ପାଞ୍ଚଟା ଆମ୍ବ ଧୂଳଧାଳ ହୋଇ ଝଡ଼ି ପଡ଼ିଲା ତଳେ। ଗଛ ଉପରୁ ବଣି ଚଢ଼େଇଗୁଡ଼ାକ କିଚିରିମିଚିରି ଶବ୍ଦ କରି ଫର୍-ର୍ କିନା ଉଡ଼ିଗଲେ।

ସୁନ୍ଦରୀ ଗୋଟେ କଞ୍ଚା ଆମ୍ବ ଦାନ୍ତରେ ଚୋବାଉ ଚୋବାଉ ମୁହଁ ଆମ୍ବିଳା କରି କହିଲା—"ଉହୁଁ, ଏ ଗୁଡ଼ାକରେ ଜମା ସୁଆଦ ନାହିଁ। ମାଙ୍କଡ଼ଖିଆ ବନ୍ଧ ଉପରେ ଯେଉଁ କଂଗ୍ରିନାଇ କଦଳୀଆ ଆମ୍ବ ଅଛି, ସେ ଗଛ ଆମ୍ବ ଭାରି ଭଲ। ସେଥିରୁ ଫାଳେ ଆମ୍ବ ହେଲେ କଂସାଏ ପଖାଳ ଜେନ୍ଦ୍ରା ହୋଇ ଯିବ ପରା !"

ଲୋଚନା ସୁନ୍ଦରୀ କଥାର ଉଦ୍ଦେଶ୍ୟ ବୁଝିଲା; ମାତ୍ର ତାକୁ ଉତ୍ସାହ ଦେବା ପାଇଁ ତାର ସାହସ ହେଲା ନାହିଁ। ସେ ଜାଣେ ମାଙ୍କଡ଼ଖିଆ ସେଠାରୁ ପ୍ରାୟ ପାଏ ବାଟ ଦୂର—ଯିବା ଆସିବାକୁ ନିତାନ୍ତ କମରେ ଘଡ଼ିଏ ଲାଗି ଯିବ। ଇଆଡ଼େ ତାର ସାଆନ୍ତେ ଗଡ଼ାଖୁ ଘଷି ଘଷି ଇଲାଗେ ବିଲ ଆଡ଼କ ମୁହଁ ହାତ ଧୋଇ ଆସିବେ।

ସେ କଥାଟାକୁ ବାଆଁରେଇ ଦେଇ କହିଲା—"କାଲି ସକାଳେ ସହଳ ସହଳ ଆସିଲେ ମାଙ୍କଡ଼ଖିଆରୁ ଆମ୍ବ ପାରି ଦେବି !"

ସୁନ୍ଦରୀ 'ହଁ' ଭରି ଆମ୍ବ ଖାଇ ଖାଇକା ସେଠାରୁ ହଲି ହଲି ବାହାରିଗଲା।

ଲୋଚନା ପୁଣି ଟିଣ ବାଡ଼େଇ ବାଡ଼େଇ ଚଢ଼େଇ ଘଉଡ଼ିଲା—ହୋ-ହୋ-ହୋ...

ନିତି ନିତି ଲୋଚନାକୁ ଇମିତି ସୁନ୍ଦରୀର କିଛି ନା କିଛି ଫରମାସ ତୁଲେଇବାକୁ ପଡ଼େ। କେଉଁ ଦିନ ନଟାଁର ଗୁଞ୍ଜରପୋକ ଧରିଦେବା ପାଇଁ ବରାଦ ଆସେ ତ, କେଉଁଦିନ କୋଇଲିଖିଆ ସୂତାରେ ଫାଶ କରି ବାହୁଣିଆ ବେଙ୍ଗ ଧରି ଦେବାଲାଗି ଫରମାସ ଆସେ। ଲୋଚନା ଝାଡ଼ୁଁଦି ଘରର କାମ ପାଇଟି ଫାଙ୍କରେ ଯେତେ ଦୂର ପାରେ ଏହିସବୁ ଶ୍ରେଷ୍ଠ ଶ୍ରେଷ୍ଠ ବରାଦଗୁଡ଼ିକର ମର୍ଯ୍ୟାଦା ରକ୍ଷା କରେ।

ଲୋଚନା ଓ ସୁନ୍ଦରୀ ସାଙ୍ଗ ପଡ଼ୋଶୀ—ରୋଜ ସକାଳୁ ଉଠିଲେ ମୁହଁ ଚୁହାଁ-ଚୁହିଁ, ମୁରୁକି ହସା, ପୁଣି ରୁଷାକରା, ମୁହଁ ଫୁଲାଫୁଲି। ତଥାପି ଏଇ ସ୍ନେହର ଅତ୍ୟାଚାର ଭିତରେ ଦୁହେଁ ବଢ଼ି ବଢ଼ି ଆସି ଚଉଦ ଆଉ ଏଗାର ବର୍ଷରେ ପାଦ ଦେଲେଣି।

Digitized by PPRACHIN, SOA

ବନ୍ଧି ଆର ଦିନ ବନ୍ତ ସଖୀଙ୍କୁ ସୁଂଦରୀ ଭର୍ତ୍ତିଚ କୋଳି ତୋଳିବାକୁ ତା ସାଂଗେ ଅପର୍ଣ୍ଣା ଆଉ ସେରେଂଗିକୁ ଧରି ନଈକୁ ଯାଇଥିଲା । ଭଲ ହୋଇ ଫରଚ୍ଛ ହୋଇ ନ ଥିଲା, ମୁହଁ ଅଂଧାର । ଗାଆଁ ମୁଂଡ଼ର ଗୋଟାଏ ଗଛ ଉପରେ ବସି ଚଉକିଦାର ଚୋମିଳ ଖାଁର ଗଂଜାଟା ଚୁଲ ଝାଡ଼ି ଡାକ ପାରିଥିଲା—ଚ-କ-ଧ-ର-ର୍-ଖ-ଅ—”

ଲୋଚନାର ଆଜି ମାଂକଡ଼ଖିଆ ବିଲ ଜଗିବାର ପାଳି । ସେ ଝଂଟେ ଦାଂତକାଠି ଚୋବାଇ ଚୋବାଇ ଅଂଟିରେ ଅଂଟିଏ ଗୁଡ଼ୁଲଭଜା ପୂରେଇ ବିଲକୁ ବାହାରିଗଲା । ଝଂଟେ ଦୂର ନ ଯାଉଣୁ ଗୋଟାଏ ଫିରଙ୍ଗ କଂଟା ମାଡ଼ି ପକାଇ ଗୋଇଠିଟା ତାର ଲହୁ ଲୁହାଣ ହୋଇଗଲା । ସକାଳୁ କାହା ମୁହଁ ଚାହିଁ ଉଠିଥିଲା ସେ ଆଜି କେଜାଣି !

ବିଲ ପାଖରେ ପହଂଚିବା ବେଳକୁ ଦିଅଁ ଉଠିଲେଣି । ଗୋଟେ ନାଲି ଟହଟହ କଅଁଳା ବାଛୁରୀ ପରି ହଠାତ୍ ପାହାଡ଼ ତଳରୁ ସୂର୍ଯ୍ୟ ଦେବତା ଆକାଶ ଉପରକୁ ଡେଇଁ ପଡ଼ିଲେ ।

ଲୋଚନା ଲଉଡ଼ିଟାକୁ ଛେଲି ପକାଇ ଅଂଟିରୁ ଗୁଡ଼ୁଲଭଜା ଗଂଡ଼ାକ କାଢ଼ି ଖାଇଲା । ତା'ପରେ ପେଟେ ନାଳପାଣି ପିଇ ସବୁ ଦିନ ପରି ଚଢ଼େଇ ଘଉଡ଼ିବାକୁ ଲାଗିଲା, “ହୋ-ହୋ-ହୋ-……”

ପହରେ ବେଳ ଉତ୍ତରୁ ସୁଂଦରୀ ଆସି ପହଂଚିଲା । ଆଁଖୁ କୋଳି ଖାଇ ଖାଇ ଓଠପୁଡ଼ା ଦିଟା ତାର କାଳିଆ ନଟନଟ ଦିଶୁଚି । ମୁଂଡ଼ରେ ଖୋସିଚି ସେ ମୁଂଡ଼େ କୋରୁହାଁ ଫୁଲ । ତା ବେକରେ କାଉଁଚ ମାଳିଟା କଂଠରେ ଟାଣି ହୋଇ କମିତି ବେଢ଼ୁସିଆର ଖିବରେ ଚୁଂଡ଼ି ଯାଇଚି । ବେକୁଟା ଦିଶୁଚି ଠିଆ ଲଂଗଳା ।

“ଆଂବ ପରା ପାରି ଦେବୁ ବୋଲି କହିଥିଲୁ ?” କଳା ଦାଂତ ଦ'ଧାଡ଼ିକ ଦେଖେଇ ସୁଂଦରୀ ପଚାରିଲା ।

ଲୋଚନା ଚାହିଁ ଦେଖିଲା, ପଠାର୍ଣ୍ଣବେଙ୍କି ସୁଂଦରୀ । ତା ଭିତରର ଦୁଷ୍ଟାମି-ହୋ-ହୋ ହୋଇ ହସି ଉଠି କହି ପକାଇଲା—“ପଠାଣବେଙ୍କି—ଦହିସୁଡ଼ୁକି—ସିଂଘାଣିନାକି… ଛି, ଛି ।”

ଅପର୍ଣ୍ଣା ଆଉ ସେରେଂଗି ଖେଁ ଖେଁ କରି ହସି ପକାଇଲେ । ସୁଂଦରୀର ସଫା ମୁହଁଟା ହଠାତ୍ ନାଲି ପଡ଼ିଗଲା । ସେ ରାଗରେ ଫୁଲି ଫୁଲି ଲୋଚନାକୁ କଣ ଗାଳି ଦବାକୁ ଯାଉଥିଲା । କିଂତୁ ନିଜକୁ ସଂଭାଳି ନେଇ ମୁହଁ ଫଣ୍ ଫଣ କରି କହିଲା—

“ଆଂବ ପାରି ଦବୁ କି ନାହିଁ କହିଲୁ, ମୁଁ ଯିବି । କେତେ ଚୁଣ୍ଡୁଫର୍ ହଉଚୁ ?”

ଲୋଚନା ସୁଂଦରୀକୁ ରାଗିବାର ଲକ୍ଷ୍ୟ କରିଥିଲା । ସେ ତାଂକୁ ଆଉରି ଚିଡ଼େଇବା ଲାଗି କହିଲା—

“ତୁ ମତେ ବଦଳରେ ଦିଟା କୋଳି ଦବୁନା ?”

ସୁଂଦରୀ ଅଂଟିରେ ଜମା କୋଳି ନ ଥିଲା । ସବୁ ସେ ଇଆ ଭିତରେ ଖାଇ ସାରିଥିଲା । ସେ ତୁଚ୍ଛା ଅଂଟିଟାକୁ ଲୋଚନା ଆଗରେ ଝାଡ଼ିଦେଲା ।

Digitized by PPRACHIN, SOA

ଛଗୁଲେଇ ହୋଇ ଲୋଚନା କହିଲା—"ତୁ ସବାଖାଇଙ୍କ କଣ କଚ୍ଛୁ ଅଂଟିବ କ ?

ସୁଂଦରୀ ରାଗ ବେଶି ହୋଇଗଲେ ସେ ନାକରେ କାଂଦ ପକାଏ । ସେହି ସ୍ୱରରେ କାଂଦ କାଂଦ ହୋଇ କହିଲା—

"ଆଂବ ଦ'ଟା ଝଡ଼ୁ ନାହିଁ ତା' ହେଲେ—ହଉ !"

ଲୋଚନା ଦେଖିଲା ସୁଂଦରୀ ଭାରି ରାଗି ଗଲାଣି । ସେ ସ୍ୱର ବଦଲାଇ କଅଁଳେଇ କରି କହିଲା—

"ନାହିଁ ମ ନାହିଁ, ଦଉଚ—ଟିକିଏ ରହିଥା । ତୁ ରାଗିଗଲୁ କ ?" ସେ ଦୌଡ଼ିଯାଇ ତଳୁ ଗୋଟାଏ ଶୁଖିଲା ଡାଳ ଗୋଟାଇ ଆଣି ଫୋପଡ଼ ତିଆରି କଲା ।

ଅପନି ଆଂଗୁଠି ଦେଖେଇ କଡେଇ ଦେଲା—"ଏଇ ସରଙ୍କୋ ଯେଉଁ ସୁଂଦରୀ ଆଂବୁଟା ଦୁଉଚି ସେଇଟାକୁ ଝଡ଼ାଇଲୁ ଦେଖି !"

ଲୋଚନା ଲକ୍ଷ ଠିକ୍ କରି ଫୋପଡ଼ ମାଇଲା । କିନ୍ତୁ ଆଂବ ଝଡ଼ିଲା ନାହିଁ କି ଫୋପଡ଼ ପଡ଼ିଲା ନାହିଁ ।

ଲୋଚନା ଖୋଜି ଖୋଜି ଆଉ ଗୋଟାଏ ଫୋପଡ଼ ଆଣି ଲକ୍ଷ କରି ଫିଂଗିଲା । ଏଥର ମଧ୍ୟ ଗଛରେ ଫୋପଡ଼ ଲାଖିଗଲା ।

ଅପନି ଆଉ ସେରେଂଗା ଙେଁ ଙେଁ କରି ହସି ଉଠିଲେ । ନାକକାଂଦୁରୀ ସୁଂଦରୀ ବି କାଂଦୁ କାଂଦୁ ଖିଁ କିନା ହସି ପକାଇଲା !

ଲୋଚନାର ମୁହଁ ନାଲି ପଡ଼ିଗଲା । ତାର ଆହତ ପୌରୁଷ ଆଉ ଅଭିମାନ ରାଗରେ ଫୁଲି ଉଠିଲା ।

ସେ ପାଗଳାଂକ ପରି ଦୌଡ଼ି ଯାଇ ସବୁ ଆଡ଼ ଖୋଜିଲା; ମାତ୍ର ଫୋପଡ଼ ପାଇଲା ନାହିଁ । ଶେଷରେ ରାଗରେ ଗୋଟିଏ ଗବଗଛ ଉପାଡ଼ି ଆଣି ଆଂବ ଉଦ୍ଦେଶ୍ୟରେ ଫିଂଗିଲା । କଂରୁ ଚେରମୂଳ ଲଗା ଗଛଟା ଆଂବ ପର୍ଯ୍ୟଂତ ଯାଇ ନ ପାରି ନିଜ ଭାରରେ ନିଜେ ତଳେ କଚ୍ଛଡ଼ି ହୋଇ ପଡ଼ିଲା ।

ସୁଂଦରୀ ପ୍ରତିଶୋଧ ନେବା ପାଇଁ ଅନେ ଖୋଜୁଥିଲା । ସେ ଏହି ସୁଯୋଗରେ ମୁରକି ହସି କହିଲା—"ତୋ ହାତରେ ଝଡ଼ା ଅଛି କି ନାହିଁ । ତୋର ଜମା ନାଖ ନାହିଁ । ଘୃରି ଘୃରି ଥର ଫୋପଡ଼ ମାରି ଆଂବଟାଏ ଝଡ଼ାଇ ପାରିଲୁ ନାହିଁ—ନାକ ମାଡ଼ୁ ନାହିଁରେ ତୋତେ !"

ଲୋଚନା ଟିକିଏ ରାଗରେ ସୁଂଦରୀ ଆଡ଼କୁ ବଂକେଇ ବଂକେଇ ଅନାଇଲା; ମାତ୍ର କିଛି କହିଲା ନାହିଁ । ଫେରି ଫୋପଡ଼ ମାଇଲା, ଏଥର ବି ଫୋପଡ଼ ବାଜିଲା ନାହିଁ ।

ଏତିକିବେଳେ ସୁଂଦରୀ ବାଗ ଛାଂଡ଼ି ପଦେ ହାଣି ଦେଲା—"ଆମ ସାହି ବନାର ଭାରି ନାଖ । ସେ ହୋଇଥିଲେ ଗୋଟାଏ ଫୋପଡ଼ରେ କେତେଟାକୁ ଆଂବ ଝଡ଼େଇ

Digitized by PPRACHIN, SOA

ଢଅଂଡାଣି । ଏଇଟାର ନାଖ ଅଛୁ ନା ଫାଖ ଅଛୁ !'' ତାପରେ ତା ସାଂଗମାନଂକୁ ଉଦ୍ଦେଶ୍ୟ କର କହିଲା—"ଗୁ'ଲେ ଅପା, ଯିବା—ଛେଳ ଗୋଡ଼ରେ ଯେବେ ଧାନ ମଚ ହୁଅନ୍ତା—''

ଅପନା ହସି ହସିକା ତା କଥାକୁ ସମର୍ଥନ କଲା, ଗଲାବେଳେ ସୁଂଦରୀ ମୁହଁ ମୋଡ଼ ଆଉ ପଦେ ଶୁଣାଇ ଦେଲା, "ଭଲ ଆଂବ ଖାଇଲ ମୁଁ ଆଜ ସେରେଂତା ଅପା ! ମୁଁ ଅଲାଜୁକା ନା ଆଉ କଏ ଅଛୁ ମ ?''

କଥାର ଧାରଟା ଗୁଉଁ କନା ଯାଇ ଲୋଚନା ଭିତରେ ଗଳାଗଲା । ସେ ଏଥର ଆଉ ସତକୁ ସତ ନଜକୁ ସଂଭାଳ ପାରିଲା ନାହିଁ; ଚିଡ଼ିଯାଇ କହିଲା—

"ଯା—ଯା—ତୋ ବନା ଘଇତା ପାଖକୁ ଯା, ସେଇ ତତେ ଆଂବ ପାରିଦବ । କଣ ପୁଣି ଆସୁଥିଲା ସେ ଇଲାଗେ ପାଟିକ !''

ସୁଂଦରୀ ଫେରିପଡ଼ ଟିକେଏ ଗୃହିଁଲା । ତାକୁ କଥାଟା ଭାରି ବାଧିଥିଲା; କିନ୍ତୁ ଲୋଚନା ସଂଗେ କଳି କରିବାକୁ ତାର ଭିତ ପଡେଇଲା ନାହିଁ ଜମା ।

ସୁଂଦରୀକୁ ଏଭଳ ଅବସ୍ଥାରେ ଦେଖି ମୁଖର ଅପନା ତା'ପଟିଆ ହୋଇ ଲୋଚନାକୁ ଗରମ ଗରମ ଦ'ପଦ ଶୁଣାଇ ଦେଇ କହିଲା—

''କଣ କହିଲୁରେ ଅରପେଇସିଆ ! ହାଡ କଅଁର ହେଲାରୁ ବଳେଇ ଗ୍ରେଟ ଗ୍ରେଟ କର କାମୁଡ଼ୁଚ—ନା ? ହଉ ହଉ ତୁ ସାଙ୍ଗାକୁ ଗୃଲ, ତୋ ଦମାକ୍ ଭାଂଗି ଦଉଚ ସେ ମୁଁ ।''

ରାଗରେ ସେ ସୁଂଦରୀକୁ ଭିଡ଼ ନେଇ ସେଠାରୁ ଦୁଲୁ ଦୁଲୁ ହୋଇ ଗୃଲିଗଲା ।

ତହିଁ ଆରଦନ ଆଂବ ତୋଟାରେ ସୁଂଦରୀ ସଂଗେ ଲୋଚନାର ଦେଖାହେଲା; କିଂନ୍ତୁ କେହି କାହାରକ କଥା କହିଲେ ନାହିଁ । ଲୋଚନା ଆଖି ସୁଂଦରୀ ଆଖି ସଂଗେ ମିଳାଯିବା ସାଂଗେ ସାଂଗେ ସେ ନ ଦେଖିଲା ପରି ତଳକୁ ମୁହଁ ପୋତିଦେଲା । ସୁଂଦରୀ ବି ଅନ୍ୟଆଡ଼କୁ ମୁହଁ ବୁଲାଇ ଦେଇ ଦୁମ୍ ଦୁମ୍ ହୋଇ ଗୃଲିଗଲା ।

ଗ୍ରାଇନେଉଟାଣ ବାଆ ସଂଗେ ପାଚଲା ଧାନ ଗୋଟାଇ ସୁଂଦରୀ ପୁଣି ସେଇ ବାଟେ ଫେର ଆଇଲା । ଲୋଚନା ସୁଂଦରୀକୁ ଦେଖି ନ ଦେଖିଲା ପରି ବେଶି ବେଶି ଟିଣ ବାଡ଼େଇ ଭାରି କାମରେ ବ୍ୟସ୍ତ ଥିଲାପରି ଦେଖେଇ ହେଲା । ନାଟା ଭଗରରେ ଦହେଁ ଦୁହିଂକର ମୁହାଁମୁହିଁ ପଡ଼ିଗଲେ, ବାଟ ଭାଂଗି ଦେଇ ଅନ୍ୟ ବାଟରେ ଯିବା ଆସିବାର ମଧ୍ଯ ଦେଖାଗଲା । ଦନ ଯେତକ ବଢ ଯିବାକୁ ଲାଗିଲା, ବ୍ୟବଧାନଟା ସେତକ ବଢ଼ିଲା ପଛକେ କମିଲା ନାହିଁ ।

କେତେଥର ଲୋଚନା ଇଆ ଭିତରେ ଭାବିଲାଣି ଯେ, ସୁଂଦରୀକୁ ଡାକବ, ମୁଂଡ ଛୁଆଇ ତାକୁ ନୟମ କରାଇବ ଯେ ଆଉ ସେମାନେ କେବେହେଲେ ଅପଡ଼ ହେବେ ନାହିଁ···କିଂନ୍ତୁ ପାର ନାହିଁ—ତଂଟି ପାଖରୁ ତାର କଥା ବାହୁଡ଼ ଯାଇଚ ।

Digitized by PPRACHIN, SOA

ଛି, ଛି, ଏଇ ମେ'ଚଡ଼ ଟୋକାଟା ପାଖରେ ସେ ଫେର ମୁଣ୍ଡ ନୋଇବ !

ହେଲେ, ପହିଲୁ ପହିଲୁ ଯେଉଁ ଦୁହିଁଙ୍କ ଉପରେ ଯିମିତ ରାଗିଥିଲେ ବର୍ତ୍ତମାନ ଆଉ ମନର ସେ ଉଷୁମ ନାହିଁ । ଦୁହେଁଯାକ କଥାଟାକୁ ଫଇସଲା କରି ନେବାପାଇଁ ବ୍ୟାକୁଳ । କିନ୍ତୁ କିଏ ଆଗ କଥା କହିବ, କିମିତିକା ବା କଥା କହିବ, ଏହାହିଁ ହେଉଛି ଦୁହିଁଙ୍କ ପାଖରେ ସବୁଠାରୁ ବଡ଼ ସମସ୍ୟା । ସୁନ୍ଦରୀଟା କିନ୍ତୁ ଭାରି ହସକୁଡ଼ି । ଆଜିକାଲି ଲୋଚନା ସାଥିରେ ଭେଟ ହୋଇଗଲେ ବାଆଁ ରେଇ ପଛକୁ ଅନାଇ ସେ ଟିକିଏ ଲୁଚେଇ ଲୁଚେଇ ହସି ଦିଏ, କିମ୍ବା ଆଖିରେ ଗୁଣ୍ଡ ପଡ଼ିଚି ବୋଲି ବାହାନା କରି କାନିଟାକୁ ମୁହଁପାଖକୁ ନେଇ ଓଠର ହସକୁ ଘୋଡ଼ାଇ ରଖେ ।

ସାହିରେ ବଣଭୋଜି ହେଲେ କିମ୍ବା ଭାଗବତ ଗୋସେଇଁଙ୍କ ପୂଜା ବଢ଼ିଲେ ଯେବେ ଦୁହିଁଙ୍କର ଏକାଠି ରହିବା ଦରକାର ପଡ଼େ ତେବେ ଅନ୍ୟର ମଧ୍ୟସ୍ଥତାରେ କେବେ କେବେ ସେମାନେ କଥା ଭାଷା ହୁଅନ୍ତି । କଥାଟା କହି ସାରିବା ପରେ ଜଣକୁ କିନ୍ତୁ ଲାଜରେ ଜିଭ କାମୁଡ଼ିବାକୁ ପଡ଼େ ।

ଧାନକଟା ପରେ ବିଲ ଉଜୁଆଁ ହୁଏ; ସେଦିନ ସମସ୍ତେ ମିଶି ଭାରି ରନ୍ଧାବଢ଼ା ଖିଆପିଆ କରନ୍ତି । ଚୂଲି ଜାଳି ଭାତ ରାନ୍ଧିବା ଭାର ହୁଏତ ଥାଏ ସୁନ୍ଦରୀ ଉପରେ । କିନ୍ତୁ କାଠରେ ବଳି ନ ଜଳାଲେ ଲୋଚନାକୁ ଶୁଣେଇ ଶୁଣେଇ ସୁନ୍ଦରୀ କହେ—"ନିଆଁ ନଗା କାଠଗୁଡ଼ାକ ଜଳୁ ନାହିଁ ଜମା । କିଏ କୁଟା ଗୋଛାଏ ଆଣି ଦିଅନ୍ତାକି ।" ଏତେ ଲୋକ ଥାଉ ଥାଉ ଲୋଚନା ଯାଇ ଦି ଗୁଚ୍ଛ ଗୋଛା କୁଟା ଆଣି ସୁନ୍ଦରୀ ଆଗରେ ଭୁଷ୍‌କିନା ଫୋପାଡ଼ି ଦିଏ ତା ପରେ ଗଛ ପତ୍ରକୁ ପଚାରିଲା ପରି କହେ, "ଆଉ କଣ ଦରକାର ?" ସୁନ୍ଦରୀର ଯଦି ପାଣି ଗରାଏ ଲୋଡ଼ାହୁଏ ତ ସେ ଅପଣୀକୁ ଲୋଚନା ଉପରକୁ ଠେଲିଦେଇ କହେ, "କୁହନ୍ତୁ—ପାଣି ଗରାଏ ଆଣି ଦେବେ—ମୁଁ ପରା ଭାତ ଗାଳିବାକୁ ଯାଉଚି ।"

ଇମିତିକା ଭାବରେ ଦିନେ ନୁହଁ, ଦି'ଦିନ ନୁହଁ, ବରଷେ କଟିଗଲା । 'କହିବ, କହିବ' ବୋଲି କେହି ଆଉ କାହାରିକି କଥା କହିପାରିଲେ ନାହିଁ । ଇଆ ଭିତରେ ଦିନେ ଅବଶ୍ୟ ଲୋଚନା ସୁନ୍ଦରୀ ସଂଗେ ତାକୁ କଥା କୁହାଇ ଦେବାପାଇଁ ସୁନ୍ଦରୀର ନେଖାଯୋଖା ମାଉସୀପୁଅ ଭାଇ ବକଲାକୁ ଖୁସାମତ କରିଥିଲା । ମାତ୍ର ବକଲା କଥାଟାକୁ ରାଷ୍ଟ୍ର କରିଦେବାରୁ ଲୋଚନାକୁ ସାଂଗପିଲେ ଚିଡ଼େଇବାକୁ ଲାଗିଲେ । ସେଇଦିନୁ ଲୋଚନା କାନମୋଡ଼ି ହୋଇ ଆଉ ଏମିତିକା ଲୋକହସା କାମ ଜମା କରିନାଇଁ ।

ଖୁଦୁରୁକୁଣୀ ? ସାହି ଟୋକାଙ୍କ ମୁହଁରେ ହସ ଧରୁନାଇଁ । ସବୁ ବର୍ଷ ସୁନ୍ଦରୀ ହେଉଁରିକାଙ୍କ ଖାଲୁକୁଣୀ ଗଢ଼ା ହେଲା ବେଳେ ଲୋଚନାର ସାହାଯ୍ୟ ଲୋଡ଼ା ହୁଏ । କିନ୍ତୁ ଏ ବର୍ଷ ଲୋଚନା ଜାଣିଶୁଣି ଦୂରଛଡ଼ା ହୋଇ ରହିଛି । ସୁନ୍ଦରୀ ଖାଲୁକୁଣୀ ତିଆରି ହେବା ପାଇଁ ଅନ୍ୟର ମଧ୍ୟସ୍ଥତାରେ ଲୋଚନାକୁ ଚିକଟା ମାଟି, ହରିତାଳ, ଫୁଲଖଡ଼ି ଆଉ ସୁନେଲି କାଗଜ ପ୍ରଭୃତି ଆଣି ଦେବାପାଇଁ ଯେଉଁ କେତୁଟା ବରାଦ ଦେଇଥିଲା, ଲୋଚନା ଯେ ତା କରି

Digitized by PPRACHIN, SOA

ନ ଦେଇଛି ତା ନୁହଁ । ସେ ସବୁଗୁଡ଼ିକ ଜଣଙ୍କ ହାତରୁ କାଢ଼ି ଅନ୍ୟ ହାତରେ ଯଥା ସ୍ଥାନକୁ ପଠାଇ ଦେଇଛି । ତେବେ ତା ମୁହଁରେ ସବୁ ବର୍ଷ ପରି ହସ ହସ ଭାବ ଆଉ ଉତ୍ସାହ ଜମାନାହିଁ କହିଲେ ଚଳେ ।

ଏ ବର୍ଷ ଏଇ ଖୁଦୁରୁକୁଣୀ ବେଳେ ଲୋଚନାର ମନଟା ବିଶେଷ କରି କାହିଁକି ଭାରି ଖରାପ ହେଲା । ପ୍ରତ୍ୟେକ ପାଳି ବାଲୁଙ୍କା ଉଜୁଆଁ ସାରି ଗାଆଁର ଝିଅମାନେ ନୂଆ ପୋଖରୀ କୂଳରୁ ଫେରି ଆସିଲା ପରେ ଲୋଚନା ଯାଇ ଚଣ୍ଡିଏକାଲ ପୋଖରୀ କୂଳର ସେଇ ବରଓସ୍ତ ବେଦୀ ଉପରେ ଚୁପ୍ ହୋଇବସେ । ତାର ମନେ ପଡ଼େ ପ୍ରତିବର୍ଷ ଏହି ଦିନ ଦାଁହୁଡ଼ି ଭସାଇଲାବେଳେ ସୁନ୍ଦରୀ କାପରି ତାର ସାହାଯ୍ୟ ଲୋଡ଼େ । ପ୍ରତିବର୍ଷ ଭେଳାଗୁଡ଼ାକୁ ପୋଖରୀ ମଝିକୁ ଠେଲିଦେବା ପାଇଁ ସୁନ୍ଦରୀ ଆଉ ତା ସାଙ୍ଗମାନେ ଲୋଚନାକୁ ଅନୁରୋଧ କରନ୍ତି । ଲୋଚନା ପାଣିରେ ଝମ୍ପ ପହଁରା ଦେଇ ଗୋଡ଼ହାତ ଛାଟି ସମସ୍ତଙ୍କ ଆଗରେ ତାର ପହଁରିବାର ବାହାଦୁରୀ ଦେଖାଏ । ଖାଲି ସେତିକି ନୁହେ ଖୁଦୁରୁକୁଣୀ ଆଗ ଦିନ ସୁନ୍ଦରୀ ତାକୁ ପୋଖରୀର ସବୁ କଢ଼ି ଫୁଲତକ ତୋଳି ଆଣିବାପାଇଁ ଦୁଇଦିନ ଆଗରୁ ବରାଦ ଦେଇଥାଏ । କାଳେ ଆଉ ସାହି ପିଲେ ସକାଳୁ ଉଠି ଫୁଲ ନେଇଯିବେ, ସେଥିପାଇଁ ଲୋଚନାକୁ ସେ ରାତି ନ ପାହୁଣୁ ଶେଯରୁ ଉଠାଇ ଦେଇ ପୋଖରୀକୂଳକୁ ପଠାଇଦିଏ, ଆଉ ନିଜେ ବି ତା ପଛରେ ଗୋଟାଏ ମସ୍ତବଡ଼ ଲଗି ଧରିଯାଏ ।

ଏହି ସବୁ ପୁରୁଣା କଥାଗୁଡ଼ାକ ଭାବି ଲୋଚନାର ମନ ଭିତରଟା କିମିତି ଗୋଳେଇ ପୋଳେଇ ହେଲା । ଆଜି ସେ ଏକା ରାହାରେ ପୋଖରୀ ଜଳରେ ଭାସୁଥିବା ଛଡ଼ାଫୁଲର ଭେଳାଆଡ଼କୁ ଚାହିଁ ରହିଲା ଆଖି ପିଛୁଳା ନ ପକାଇ ।

ପୋଖରୀର ନେଳିଆ ପାଣି ଉପରେ ଗୋଟାଏ ପୋଡ଼ା ଦାହୁଡ଼ିକୁ କୋଳରେ ଧରି ଗଲା ପାଳର ଫୁଲଭେଳା ଗୁଡ଼ାକ ଭାସୁଥିଲା । ଦଳମିଶା ତେଲିଆ ପାଣି ଉପରେ ମଲ୍ଲି ଦାହୁଡ଼ିର ନାଚୁଣି ଗୁଇ !! ଲୋଚନା ସେଇଆଡ଼କୁ ଚାହିଁ ଦେଖୁଥିଲା ତାର ଗଲା ଜୀବନର ଅଡୁଆତଡୁଆ ସୂତାପିଣ୍ଡୁଳାର ଗୋଟାଏ ହଜିଲା ଖିଅ ।

କାଲି ଖୁଦୁରୁକୁଣୀର ଶେଷ ପାଳି । ଓଷା ଉଜୁଆଁ ହେବ । ଫୁଲିଆ ତରା ଉଠି ନିଭିଗଲାଣି । କଂଟା ନଟିର ଧାବ୍‌କା ପତର ଉପରେ ଜହ୍ନ ଆଲୁଅ ଶେତାଳିଆ ଦେଖାଗଲାଣି । ଚାରିଆଡ଼ ବେଶ୍ ଫରଚ୍ଛ ଦିଶୁଚି ।

ପୋଖରୀ କୂଳରେ ସୁନ୍ଦରୀ ତାର ସାନଭାଇ ବୃନ୍ଦାକୁ ଧରି ଗାଧୋଉଥିଲା । ତାର ସାଙ୍ଗ ସାଥୀମାନେ ଗାଧୋଇ ପାଧୋଇ ଚାଲିଗଲେଣି; ଝିନ୍ଦୁରିଙ୍କ ବାଲି ପକାଇ ମାଜୁ ମାଜୁ ତାର ଟିକିଏ ମଠ ହୋଇଯାଇଛି ।

ଲୋଚନା ସେଇ ବାଟେ ଭାଗ ଜମିକୁ ଯାଉଥିଲା । ସୁନ୍ଦରୀକୁ ଦେଖି ପୋଖରୀ-କୂଳରେ ବରି ଓହଳଟାକୁ ଧରି ଟିକିଏ ଠିଆ ହେଲା ।

Digitized by PPRACHIN, SOA

ଭୁଠ ପଥର ଉପରେ ସୁନ୍ଦେଇ ବସି ଦେଖୁଛି ମଜା ହେଉଚି । ତା ପାହାରେ ଓଦା ଲୁଗାଟା କାଢ଼ି ସାଇ ସେଇ ଦର ନଭିଲା ଜହ୍ନ ଆଲୁଅରେ କମିତ ଝାପସା ଝାପସା ଦେଖା ଯାଉଚି । ପାଖରେ ବଇଚି ବୁରୁଂଦା ।

ପୋଖରୀକୂଳରେ ଫୁଟିଚି ଅସଂଖ୍ୟ କଇଁ—ନାଲି, ନେଳି, ଧଳା ହରେକ ରଂଗର ପୋଷାକ ପିଂଧି ସେଇ ସଜ ଫୁଟିଲା କଇଁଫୁଲ ଗୁଡ଼ିକ ପବନରେ ହଲି ହଲି ନାଚୁଛଂତି ।

ଲୋଚନାର ମନେ ପଡ଼ିଲା ଗତ ସାଲେ ଏଇ ଦିନ କେଡ଼େ ସୁଂଦର ନାଲି କଇଁଟିଏ ତୋଳି ଆଣି ସେ ସୁଂଦେଇ ବେକରେ ପକାଇ ଦେଇଥିଲା । ସେଇ ନାଲି ଟୁକୁ ଟୁକୁ ଫୁଲଟିକି ପାଇ ସୁଂଦେଇର ନାଲିଆ ଓଠତଳେ କମିତ ହସର ସରୁ ନହିଡ଼ ଭାଜିପଡ଼ି ନୋଟି ଯାଇଥିଲା, ସେଇ ଦରନଭିଲା ଛବି ଆଜି ଏତେ ଦିନ ପରେ ଲୋଚନାର ମନ ଭିତରେ ପୁଣି ରୂପରେଖ ଧରି ଫୁଟି ଉଠିଲା । ସେ ଭାବିଲା, ସୁଂଦେଇ ଅବା ସବୁ ବର୍ଷପରି ଆଜି ତାକୁ ଫୁଲ ତୋଳି ଦବା ପାଇଁ ଅନୁରୋଧ କରିବ । କିଂତୁ ସୁଂଦେଇ ତାକୁ ଦେଖିଲେ ମଧ୍ୟ କିଛି ନ କହି ଗୁମ୍ମାରି ବସି ରହିଲା । ପଣତଟାକୁ ଆଉ ଟିକିଏ ନିଂବ କରି ମୁହଁ ଉପରେ ଟାଣିଦେଲା ।

ଲୋଚନା ଯାଇ ବାଆଁରେଇ ଗୁଆଁରେଇ ହୋଇ ସୁଂଦେଇର ଭାଇ ବୁରୁଂଦାକୁ ଲକ୍ଷ୍ୟ କରି କହିଲା—"କିରେ ବୁରୁଂଦା, ଆଜି କଇଁଫୁଲ ନେବୁ ନାହିଁ କିରେ ? କାଲି ପରି ଓଷା !"

ବୁରୁଂଦା କିଛି ବୁଝି ପାରିଲା ନାଇଁ ! ସୁଂଦେଇ ତାକୁ ଫୁସ୍ ଫୁସ୍ କରି ଶିଖେଇ ଦେଲା—"କହ, ଫୁଲ କାଇଁ ?"

ବୁରୁଂଦା କହିଲା—"ଫୁଲ କାଇଁ ?"

ଲୋଚନା ପଚାରିଲା—"ନବୁ ?"

ସୁଂଦେଇ ପୁଣି ବୁରୁଂଦା କାନରେ ଶିଖେଇ ଦେଲା—

"କହ, ହଁ ଦେ ।"

ବୁରୁଂଦା କହିଲା—"ହଁ, ଫୁଲ ଦେ ।"

ଏତେ ଦିନ ପରେ ଅନ୍ୟ ଜଣକ ମଧ୍ୟସ୍ଥତାରେ ସୁଂଦେଇର ଫରମାସି ପାଇ ଲୋଚନାର ମନଟା ଭାରି ଆନଂଦ ଅନୁଭବ କଲା । ସେ ଟିକିଏ ମଜା ଦେଖିବା ପାଇଁ କହିଲା—"ତୁ କଣ କରିବୁ ? ତୁ କଣ ଓଷା କରିଚୁ କି ?"

ବୁରୁଂଦାର ଅକଲ ଗୁଡ଼ୁମ ହୋଇଗଲା । ସେ କଣ ଉତ୍ତର ଦେବ କିଛି ବୁଝି ନ ପାରି ସୁଂଦେଇ ଅପା ମୁହଁକୁ ଅନେଇଲା । ସୁଂଦେଇ ତାକୁ ଶିଖେଇ ଦେଲା—"କହ, ମୁଁ ନକଲେ କଣ ହେଲା, ଅପା ଓଷା କରିଚି ତ । କେତେ ଜାଣି ଶ୍ରେପରି ହଉଚୁ ?"

ବୁରୁଂଦା ଠିକ୍ ସେଇ କଥା କହିଲା । ଲୋଚନାର ଉତ୍ସାହ ଆଜି କହିଲେ ନ ସରେ । ଅନେକ ଦିନ ପରେ ସେ ଆଜି ସୁଂଦେଇର ବରାଦ ପାଇଚି । ଏ ସୁଯୋଗ ସେ ଜମା

Digitized by PPRACHIN, SOA

ଆଶା କରିପାରି ନ ଥିଲା । ସେ ଅଭିମାନ କରି କହିଲା—"ମତେ କଥା ନ କହିଲେ ମୁଁ ଫୁଲ ଦେବିନାହିଁ । ସୁନ୍ଦରୀ ବୁରୁନ୍ଦା କାନରେ କହିଲା—"କହ, ତୁ ଆଗ କହିଲେ କିଏ ସିନା ପଛେ କଥା କହିବ !"

ବୁରୁନ୍ଦା ଶୁଆ ଚଢ଼େଇ ପରି କହିଲା—"ତୁ ଆଗେ କଥା କହିଲେ, ତାପରେ ଯାଇ ସିନା ଆଉ କିଏ କଥା କହିବ ।" ଲୋଚନା ବଡ଼ ହଇରାଣରେ ପଡ଼ିଲା । ସେ ମୁଣ୍ଡ ନୋଇଁବାକୁ ନାରାଜ । ତଥାପି ଆଜି ତାର ଭାରି ଆନନ୍ଦ । ସେ ଭାବିଲା, କଇଁଫୁଲଟା ଆଣିଦେଲେ ସୁନ୍ଦରୀ ନିଶ୍ଚୟ କଥା କହିବ ଯେ, ଯିବ କୁଆଡ଼େ ?

ଲୋଚନା ମାଲକଚ୍ଛ ଭିଡ଼ି ପାଣିରେ ପଶିଲା । ପୋଖରୀର ଉତ୍ତର ପଟ କୂଳରେ ଆଣ୍ଠୁଏ ପାଣିରେ ଗୁଡ଼ାଏ ନାଲିକଇଁ ଫୁଟିଥିଲା । ଲୋଚନା ସେଗୁଡ଼ାକୁ ତୋଳିବା ପାଇଁ ହାତ ବଢ଼ାଇଲା ।

ସୁନ୍ଦରୀ ଲୋଚନାକୁ ଶୁଣାଇ ଶୁଣାଇ ବଡ଼ ପାଟିରେ ବୁରୁନ୍ଦାକୁ ଲକ୍ଷ୍ୟ କରି କହିଲା—

"ଏ ଗୋବର କଇଁ ଗୁଡ଼ାକ କଣ କରିବୁ କରେ ବୁରୁନ୍ଦା ? ନାଲିକଇଁ ମାଗୁନୁ !"

ଲୋଚନା ସୁନ୍ଦରୀର ଏହି ପରୋକ୍ଷ କଥାବାର୍ତ୍ତାରେ ଭାରି ଆନନ୍ଦ ବୋଧ କଲା । ଇଆ ଭିତରେ ବୁଢ଼ି ରହିଥିଲା ଯିମିତ ଏକ ଅଧେ ଶୁଣା ଅଧେ ନ ଶୁଣା ପୁରୁଣା ଚଉପଦୀର ଛନ୍ଦ ।

ପୋଖରୀ ମଝିରେ ନାଲି କଇଁଟିଏ ଫୁଟିଥିଲା । ବୁଡ଼ି ଯାଇଥିବା ଜହ୍ନ ପାଇଁ ଭାବି ଭାବିକା ସେଇ ଫୁଲର କଅଁଳ ଗାଲ ଉପରେ ଜମି ରହିଥିଲା ଯେମିତ କେତେ ଦିନର ଦୁଃଖର ଲୁହ ! ନେଳିପାଣି ଉପରେ ଫୁଲଟିର ନାଲିଆ ଲୁହ ଟଳ ଟଳ ନାଚୁଥିଲା ।

ଲୋଚନା ମନରୁ ସବୁ ଦୁଃଖ ଦରଜ କୁଆଡ଼େ ଆପେ ଆପେ ଉଭେଇ ଗଲା । ସେ ଅଣ୍ଟାଏ ପାଣିରେ ପଶିଲା । ଆଉ ସାତ ଆଠ ପାହୁଣ୍ଡ ଗଲେ ସେ ଫୁଲଟିକୁ ଧରିବ । ଏଡ଼େ ସୁନ୍ଦର ଫୁଲଟିକୁ ଦେଖି ସୁନ୍ଦରୀ ଯେ କେଡ଼େ ଖୁସି ହେବ, ତାହା ସେ କଳନା ମଧ୍ୟ କରି ପାରିଲା ନାହିଁ ।

ସେ ଛାତିଏ ପାଣିକି ଗଲା; କଂରୁ ହାତ ପାଇଲା ନାହିଁ ।

ଲୋଚନା ଅଣ୍ଟାରେ ଲୁଗାଟାକୁ ଆଉ ଟିକିଏ କଷି କରି ବାନ୍ଧି ଦେଇ ବେକେ ପାଣିରେ ପଶିଲା । ଆଉ ଦି ହାତେ—ସେ ଗୋଡ଼ ବୁଢ଼ା ଆଙ୍ଗୁଠି ଅଗରେ ଠିଆ ହୋଇ ଫୁଲକୁ ଧରିବ ବୋଲି ହାତ ବଢ଼ାଇଲା ।

କୂଳରେ ସୁନ୍ଦରୀ ଖୁସି ହୋଇ ବୁରୁନ୍ଦାକୁ କହିଲା—"ହେଇରେ ବୁରୁନ୍ଦା ତୋ ଫୁଲ ଆଇଲାଣି !"

Digitized by PPRACHIN, SOA

ଲୋଚନା ଏତେ ଦୂରରୁ ତାହା ଶୁଣି ପାରିଲା । ଆଜି ବହୁଦିନରୁ ମେଘ କାଟି ଯାଇ ତା ମନରେ ସୂର୍ଯ୍ୟ ଉଇଁଛି । ସେ ଆଉ ଟିକିଏ ଆଗକୁ ଗୋଡ଼ ବଢ଼ାଇଲା । ଏ ଫୁଲଟିକି ପାଇ ସୁଂଦରୀ ଯେ ନିଶ୍ଚୟ ତାକୁ କଥା କହିବ, ଏଇ ସ୍ୱପ୍ନରେ ସେ ଏକାବେଳକେ ବିଭୋର ହୋଇ ପଡ଼ିଥିଲା । ସେ ଫୁଲ ଆଡ଼କୁ ଝୁଂକି ପଡ଼ିଲା ।

ଆଗରେ ଗୋଟାଏ ଖାଲ—ଲୋଚନା ଝୁବ୍ କିନା ବୁଡ଼ିଗଲା । ମାତ୍ର ଲୋଚନାକୁ ଟିକିଏ ଟିକିଏ ପହଁରି ଆସେ । ସେ ଦୁଇ ଢୋକ ପାଣି ପିଇଦେଇ ଟିକିଏ ଆକ୍ତା ହୋଇ ଯାଇଥିଲେ ମଧ୍ୟ ପହଁରି ପହଁରି ଯାଇ କଇଁ ନାଡ଼କୁ ଧରିଲା ।

ତାପରେ ସବୁ ଶକ୍ତି ଠୁଳ କରି ସେ ସେଟାକୁ ଟାଣିବାକୁ ଲାଗିଲା । ଥରେ ଟାଣିଲା, ଦୁଇ ଥର ଟାଣିଲା, ମାତ୍ର ଫୁଲଟା ସହଜରେ ଛିଡ଼ିଲା ନାହିଁ । ତିନି ଥର ଟାଣିଲା ବେଳକୁ ଲୋଚନାର ଅଧେ ଦମ ତୁଟି ଯାଇଥିଲା ।

ଏଥର ଦେହର ସବୁ ଶକ୍ତି ଠୁଳ କରି ଦାଂତ କାମୁଡ଼ି ଲୋଚନା ଶେଷ ଥର ପାଇଁ ଦେଲା ଗୋଟାଏ ଟାଣ । ଫୁଲଟା ଉପୁଡ଼ି ଆଇଲା । ନାଲି ଟହ ଟହ ସୁଂଦର କଇଁ ଫୁଲଟିଏ !

ଲୋଚନା ଭାରି ହାଲିଆ ହୋଇ ଯାଇଥିଲା । ସେ କଇଁ ଫୁଲଟାକୁ ଧରି କୂଳକୁ ଫେରି ଆସିବ ବୋଲି ଚେଷ୍ଟା କଲା । ତାର ଗୋଡ଼ ହାତ କ୍ରମେ ଅବଶ ହୋଇ ଆସୁଥିଲା । ଏତିକି-ବେଳେ ଲୋଚନା ଅନୁଭବ କଲା ଯେ ତାର ଗୋଡ଼ ଦିଟା ଯିମିତି ଛଂଦି ହୋଇ ଯାଉଛି । ସେ ଗୋଡ଼ ଦିଟାକୁ ଯେତେ ଟାଣି ଓଟାରି ବାହାର କରିବାକୁ ଚେଷ୍ଟା କଲା, ସେତେ ସେ ଦିଟା ସରୁ ସରୁ ଦଉଡ଼ିରେ ବାଂଧି ହୋଇଗଲା ପରି ଜଣା ପଡ଼ିଲା । ଲୋଚନା ଅଣାୟତ୍ତ ହୋଇ ଦି ଚାରି ଥର ସିଂଗି-ବୁଡ଼ା ଦେଇ ସାରିଲାଣି ।

ସୁଂଦରୀ ଏତିକିବେଳେ ତୁଠରେ ବସି ବୁରୁଂଦାକୁ କହୁଥିଲା—"ଦେଖ ଲୋଚନା ଭାଇ କିମିତି ବୁଡ଼ା ପହଁରି ଦଉଛି ।"

ଲୋଚନା କଂତୁ ଇଆଭିତରେ ସତକୁ ସତ ସାତ ଆଠ ଢୋକ ପାଣି ପିଇ ସାରି-ଥିଲା । ତାର ଟିକିଏ ଟିକିଏ ହୋସ ବି ଥିଲା । ସେ କୌଣସିମତେ ପାଣି ଉପରକୁ ମୁଂଡ଼ କାଢ଼ି ବଡ଼ ପାଟି କରି ଡାକିଲା—'ସୁଂଦରୀ—ଏ ସୁଂଦ—', ସେ ଭାବିଥିଲା ସୁଂଦରୀ ଅବା ତା ପାଖକୁ ଦୌଡ଼ି ଆସିବ ।

କିଂତୁ ତା ପାଟିରେ ପାଣି ପଶିଗଲା; କଥା ଶୁଣାଗଲା ନାହିଁ । କେବଳ ଗଅଁ ଗଅଁ ଶବ୍ଦ ଶୁଣା ଗଲା । ସୁଂଦରୀ ଭାବିଲା, ଲୋଚନା ତାକୁ ଆଗ କଥା କହିବା ପାଇଁ ଇମିତି ଫିକର କାଢ଼ି ଖେଲ୍ କରୁଛି ।

ଲୋଚନା ଗୋଡ଼ରେ କଇଁ ଦଳ ଛଂଦି ହୋଇ ଯାଇଥିଲା । ସେ କାଉଳି ବାଉଳି ହୋଇ ହାତ ଗୋଡ଼ ଛାଟି ଛାଟି କଇଁ ଫୁଲଟା ତା ହାତ ମୁଠାରୁ ଖସି ଯାଇ ପାଣି ଉପରେ ଭାସିବାକୁ ଲାଗିଲା ।

Digitized by PPRACHIN, SOA

ଲୋଚନା ନାହିଁ ।

ପାଣି ଉପରେ ଖାଲି ଫୁଲ୍‌ଟାକୁ ଭାସୁଥିବାର ଦେଖି ବୃନ୍ଦା କହିଲା--

"ଏ ସୁନ୍ଦରୀ ଅପା ! ଦେଖିଲୁଣି ଲୋଚନା ଭାଇ ବୁଡ଼ି ଯାଉଛି ।"

ସୁନ୍ଦରୀ ତାକୁ ଠେଲି ଦେଇ କହିଲା "ଧେତ୍—କାଳାମୁହାଁ ଅଲକ୍ଷଣା ଟୋକା ! ! ତୋ ମୁହଁରେ କର୍ଆ ନାଗୁନାହିଁ । ସେ ପହଁରି ଜାଣିନାହିଁ ଯେ ବୁଡ଼ି ଯାଉଛି ! ମଲୁ ନାହିଁ ରୁ କାଳି-ତୁଣ୍ଡିଆ !!"

ଅଂଧାରୁଆ

ବେକରେ ହାଡ଼ ବାଂଧିଲ୍ । ଦାଂତରେ ତରଣି ଦେଲ୍ । ଜିଭ ଥାଉ ଥାଉ ଖନା ହୋଇ ପଢ଼ିଲ୍ ପଧାନ ବାରଦୁଆର ଶୁଂଢିପିଂଡ଼ା ବୁଲି ଖପରା ପଡେଇଲ୍ ।

କଳା ମିଚ ମିଚ ଅଂଧାର ମଝିରେ ତାର ଶଂଢ଼ା ଶଂଢ଼ା କାଳିଆ ବାହା ଦ'ଟାକୁ ଉପରକୁ ଟେକି ଗାଆଁ ମୁଂଡ଼ ଦୋକାନ ପାଖରେ ବସି ପଢ଼ିଲ୍ ଗଅଁ ଗଅଁ ହୋଇ ସମସ୍ତଂକ ମନକଥା କହିବାକୁ ଚେଷ୍ଟା କରେ, ନାନା ଅବଲ୍ୟ କାଢ଼ି ଗହକମାନଂକ ଅଂଟାରୁ ପଇସାଏ ଅଧିଲାଏ ଖସେଇବ ବୋଲି ବାହାରେ । କିଏ ଦିଏ, କିଏ ବା ମୁହଁ ମୋଡ଼ି ଗୁଲିଯାଏ । ଅଧିକାଂଶ ତା ଆଡ଼କୁ ଦାଂତ ଦ'ଧାଡ଼ିକ ଦେଖାଇ ଖିଁ ଖିଁ ହୋଇ ହସଂଛ—ଖତେଇ ହୁଅଂଛ । ପଢ଼ିଲ୍ ମାଟିରେ ଗଡ଼େ । ବାଳମୁକୁଳା କରି ହାତଠାରି କେତେ କଣ କହେ । ସମସ୍ତେ କହଂଛ, ପଢ଼ିକ କରୁଛ ।

ତାର କାଳିଆ ଦିହ, କୋତରା ଲୁଗା, ଆବୁଡ଼ା ଖାବୁଡ଼ା ଓସାରିଆ ଗୁଢଟା କଳା ରାତି ସଂଗରେ ମିଶିଯାଇ ଜମା ବାରି ହୁଏ ନାହିଁ ।

ଅଝଟ ପିଲାଏ ମା' ଠୁଁ କ୍ଷୀର ନ ଖାଇଲେ ମା'ମାନେ ଭୟ ଦେଖାଇ କହଂଛ—
"ହେଇ, ହେଇ ଅଂଧାରୁଆ ଆଇଲାଣି । ଗାଆଁ ମୁଂଡ଼େ ବସି ଜିଭ ହାଲୁ ହାଲୁ କରୁଛି ।"

ପଢ଼ିଲ୍ ପୁରସ୍ତମ ସିବ । ବାଟରେ ସଂଜ ହୋଇଗଲେ ସେ ପାଖ ଗାଆଁରେ ରାତିକ ପାଇଁ ଆକିଯାଏ । ଦିଅଁ ବୁଡ଼ିଯିବା ଆଗରୁ କଣ ଦ'ଟା ପାଟିରେ ପକାଇ ଦେଇ କାହା ପିଂଢ଼ାରେ କୁଟା ଗୋଟାଏ ପାରି ଗୁଡ଼ିକାଡି ନଂବେଇ ପଡ଼ିଯାଏ । ସେ ଯେଉଁ ଗାଆଁକୁ ଯାଏ—ସେ ଗାଆଁରେ ଅଂଧାରୁଆ ଆଇଛି ବୋଲି ଗୁରିଆଡ଼େ ହୁରି ହକରା ପଡ଼ିଯାଏ । ତା ପଛରେ ଟୋକାଏ ଢିଲ୍କୁ ମାରି ଗୋଡ଼ାଂଛ—ବୁଲା କୁକୁରଗୁଡ଼ାକ ଘେଉ ଘେଉ ହୋଇ ତାକୁ ଘେଂକାରି ମିଶଂଛ, ପୁଣି ଶୁଁ ଶୁଁ କରି ତା ଗୋଡ଼ ସଂଧିରେ ପଶି ପରସ୍ତେ ତାକୁ ଶୁଂଘି ଯାଂଛ ।

ଅଂଧାରୁଆ ଦିନଯାକ ବାଟ ଗୁଲେ—ସଂଜବୁଡ଼େ ଭିକ ମାଗେ ।

Digitized by PPRACHIN, SOA

ଅଂଧାର ରାତ । ପେଟରେ ହେଲ୍ ମାଇକିନିଆ ପରି କଳା ମେଘର ତଳ ପେଟଟା ଓହ୍ଳି ପଡ଼ିଚ । ତାରି ଭିତରେ ଚାଳଂତା ଅଂଧାର ପରି ବାଡ଼ି ଖଂଡ଼ିକ ଧରି ଅଂଧାରୁଆ ଗ୍ଲୁଲେ··· ।

ବେଳେ ବେଳେ ଅଂଧାରୁଆ ସ୍ୱପ୍ନ ଦେଖେ ·· ।

ପାଚିଲା ଖେତରେ ନହଡ଼ା ମାଂରୁଚ । ଭେଂଡ଼ିଆ ଭେଂଡ଼ିଆ ଧାନ ଗଛର ଅସୁମାରି ଯାରୁ ଯିଆରି ଭିତରେ ତଂପସାପ, କଂକଡ଼ା ବିଛା ଆଉ ତେଲୁଣୀ ପୋକଂକର ମେଳା ବଇଚ । ସୁରିଆଡ଼େ ଆଁଳିଛିଣିଆ ଗଂଧ ପାଇ ମାଟିଆ ଚିଲ୍ ଗୁଡ଼ାକ ଟେକ ଟେକ ହେଇ ଉପରେ ଉଡ଼ୁଚଂତ ।

ସେଇ ମେଘ ଅଂଧାର ରାତରେ ବିଲ ମଝିରେ ଗୋଟାଏ ଖୁଡ଼ି ଉଆଡ଼ କରି ଅଟା ଝଂଡେ଼ ନାଳି ପହିଲି ବିଲ ଜଗିଚ ।

ଧାନଗଛ ମୂଳରେ କୁଢ଼ା ହେଇଚ କୁଢ଼କୁ କୁଢ଼ ଖତ । ଖତ ତ ନୁହଁ, ହାଡ଼ । ପହିଲିର ହାଡ଼—ତା ସ୍ତ୍ରୀ ଗେଲ୍‌ବୋଉର ହାଡ଼······।

ପହିଲିର ମନେ ପଡ଼େ କାଲ୍‌ମିଗ୍ ଜାଡ଼ଦିନେ କିମିତି ବଡ଼ଅଂଧାରୁ କେଉଟ ଘରର ଚୂଡ଼ା ପାହାର ନ ଶୁଭୁଣୁ ଗେଲ୍ ବୋଉ ଥୁ ରୁଥୁରୁ ହେଇ ଟାଂଗି, ଟୋକର, ତୋଟା, ପାଟ ବୁଲ୍ ଗାଂଡୁଆଳ୍ ଗାଂଡୁଆ ଗୋବର ବୋହି ଆଣି ବାଡ଼ି ପଟ ଖତ ଗଦାରେ ଜମା କରେ···। ଆଉ ପହିଲି ନିଜ ଦିହର ନହୁ ପାଣି କରି ସେଇ ଖତତକ କୁଟି ଓଦର ଓଦର କରି ନେଇ ବିଲରେ ଜମା କରିଦେଇ ଆସେ··· ।

ଖାଲି ସେତକି ନୁହଁ, ପଥର ପରି ଟାଣ ବିଲ ମାଟିରେ ନଂଗଳ କଂଟି ଧରି ହଳ କଲାବେଳେ ଯେ କି କଷ୍ଟ, ତା ମନେ ପଡ଼ିଲା ବେଳେ ପହିଲିର ହାଡ଼ ଭିତର କଣ ହେଇଯାଏ । ତାଲୁ ଉପରେ ନିଆଁ ପିଂଡୁଳା ପରି ସୂର୍ଯ୍ୟ—ତଳେ ତତଲା ମାଟି ଗୋଡ଼ ଦି'ଟା ସିଝିଯାଇ ପରସ୍ତକୁ ପରସ୍ତ ଚମ ଛାଡ଼ି ଯାଇଚ···।

ପହିଲିର ଏତେ ହାଡ଼ଭଂଗା ଚକ୍ରନିଶା ମିହଂତକୁ ସାର୍ଥକ କରି ଯଉଁଦିନ ପାଚିଲା କ୍ଷେତର ଅସୁମାରି ଧାନଗଛ ଗହଳରେ ମାଇ ପବନର ଲୁଚକାଳି ଖେଳ ନାଚିଲି, ସେ ଦିନ ପହିଲି ଜୀବନରେ ଏକ ମଉଛବ । ସେ ସବୁ ଭୁଲି ଅନାଇଁ ରହିଲା ସେ ଦର ପାଚିଲା କିଆରି ଆଡ଼କୁ ।

ତାପରେ ଦିନେ—

ପହିଲି ଭାବିଲା ।

କଟିମିଟିଆ ଅଂଧାର । ମଗୁଶିର ମାସ ହିମାଳ ପବନ କଳ୍‌କା ଭିତର ଥରାଇ ଦେଇ ଯାଉଚ । ପହିଲି ଉଡ଼ି ଉପରେ ହେଁସ ଝଂଡେ ଦୋଡ଼ି ହେଲି ପେଟେଇ ପଡ଼ି ଶୋଇ ବନ୍ଧୁଆରୁ ଚୁନପତ୍ର ଟିକିଏ ଅଣି ନେଢ଼ରେ ଦଳୁଚ । ବିଲ ଭିତରେ ଗୁବୁରୁ ଗୁବୁରୁ ଶବ୍ଦ ଶୁଣାଗଲା । ପାଣି କାଦୁଅରେ ଧାନଛେଗୁଡ଼ାକୁ ଚକଟି ଦେଇ ଗୋଟାଏ କିଏ ସୁରିଆଡ଼ ମଂଥି ଦେଇ ଯାଉଚ ଯିମିତି ଅବା ! ପହିଲି ଭାବିଲା ବାର୍ହା କି ଭାଲୁ ହେବ ପରା !

Digitized by PPRACHIN, SOA

ସେ ରାଗରେ ଖଂଡେ ମୂଳ ବାଉଁଶ ଧରି ଉଠିଲା ।

ଧାନ ଗଛର କାଳିଆ ଗୁଚ୍ଛ ତରି ପାଣିଫିଆଗୁଡ଼ାକ ଟକ୍ ଟକ୍ ଦିଶୁଚି । ବହଳିଆ ମେଘ ଅଂଧାର ଭିତରେ ପହଲି ଆଖିରେ ପଡ଼ିଗଲା ଗୋଟାଏ ମସ୍ତବଡ଼ କାଳିଆ ଜଂଘ୍ରୁ । ନାକ ପୁଡ଼ାରେ ଅଣଗୃଣ ପ୍ଲବନ ବହୁଚି ।

ପହଲି ତା ପଛେ ପଛେ ଗୋଡ଼ାଇଲା । ମାତ୍ର ସେଇ କାଳିଆ ଗୁଚ୍ଛଟା ଧାନଗଛଗୁଡ଼ାକୁ କୁଦ ଚକଟି ଦୌଡ଼ି ଦୌଡ଼ି ଏଣେତେଣେ ପଳାଇ ଗଲା ।

ଗୋଟିଏ ଧାନଗଛ ନଷ୍ଟ ହୋଇଯିବା ସଂଗେ ସଂଗେ ପହଲି ଦେହରୁ ଟୋପାଏ ରକ୍ତ ଶୁଖି ଯାଉଥିଲା ।

. ଆଗରେ ଗୋଟାଏ ଖାଲ । ଜଂଘ୍ରୁଟା ଆଉ ଯାଇ ପାରିଲା ନାହିଁ—ମୁହଁ ବୁଲାଇ ପଛକୁ ଫେରି ଆଇଲା । ପହଲିର ବାଉଁଶ ଠେଂଗା ଦୁମ୍‌କରି ବାଜିଲା ତା ତାଳୁରେ । ଠିକ୍ ତା ତାଳୁ ଉପରେ ।

ପହଲି ବିଜୁଳି ଆଲୁଅରେ ଦେଖି ପାରିଲା, ସେ'ଟା ବଡ଼ ବଡ଼ ମୁନିଆଁ ଶିଂଗ କେନା ମେଲାଇ ଉପରକୁ ବାହାରିଚି ।

ନାଂଜ ଟେକି, ଫଁ, ଫଁ, ନିଶ୍ୱାସ ଛାଡ଼ି ଜଂଘ୍ରୁଟା ପଳାଇଗଲା କାଇଁକାଛିଆ ହୋଇ ଏକ ମୁହଁରେ । ପହଲି ଶୁଣିପାରିଲା, କିଛି ଦୂର ଯାଇ ସେଉଟା ଗୋଟାଏ କଂଟା ବୁଦାରେ ଭୁସ୍‌କିନା ପଡ଼ିଗଲା—ଆଉ ପଂକ କାଦୁଅ ଭିତରୁ ଉଠି ପାରିଲା ନାହିଁ ଜମା ।

ପହଲି ଭାଡ଼ିକ ଫେରି ଆସି ନଷ୍ଟିଂତରେ ଶୋଇଲା । ସେ ରାତିରେ ଶୋଇ ଶୋଇ ସ୍ୱପ୍ନ ଦେଖିଲା ଗୋଟାଏ ମସ୍ତବଡ଼ କାଳିଆ କଂକାଳ,—ଗୃହପଟେ ତାର କାଉ ବେଢ଼ି ଛଂତି । ଗୋଟାଏ ଭେଇକଲା ଶାଗୁଣା ସେଇ ମଡ଼ର ନାହିମୁଂଡ଼ା ଭିତରେ ଥଂଟ ପୁରେଇଚି । ସେଇ ମଡ଼ର ଗୃହଟାଯାକ ଖୁରାକୁ କିଏ ହାଣି ଦେଇଚି କୁରାଢ଼ିରେ ଗ୍ରେଟ ଗ୍ରେଟ କରି ।

କୁଳପୁରୋହିତେ ପୋଥି ଦେଖି କରି କହିଲେ, ତନପାଦ ଦୋଷ ନାଗିଚି । ପୁରସ୍ତମ ଯାଇ ମୁକ୍ତିମଂଡପରେ ପ୍ରାୟଶ୍ଚିତ ନ କଲେ ଏ ପାତକ ଛାଡ଼ିବ ନାହିଁ । ପ୍ରାୟଶ୍ଚିତ ନ ହେବାଯାଏ ଦାଂତରେ ତିରଣ ଦବ, କଥା କହିବ ନାହିଁ ।

ଗାଆଁଯାକ ଫୁସ୍ ଫୁସ୍ ହେଲେ—"ପହଲି ହାଡ଼ ବାଂଧିବ । ଗୋରୁ ମାରିଚି ।"

ସେ ଦିନର ପହଲି ଆଉ ଆଜିର ଅଂଧ ବୁଆ । କେତେ ତଫାତ୍ ?

ପହଲି ଭାବେ, ସେ ଦିନ ପଦ୍ମପୁରାଣ ପଢ଼ି ପୁରୋହିତ ନିଧି ମିଶ୍ରେ ତାକୁ କଣ କହିଥିଲେ ! ଭୟରେ ମୁହଟା ତାର ଶେତଲା ପଡ଼ିଯାଏ । ତା ଆଖି ଆଗରେ ନାଚିଯାଏ ଗୋଟାଏ ମସ୍ତବଡ଼ ଜଳୁଂତା ଚୁଲି—ବଡ଼ ବଡ଼ ହଂଡ଼ାରେ ତେଲ କଡ଼ କଡ଼ ହୋଇ ଫୁଟୁଚି । ସେ ଏପଟକୁ ସେପଟକୁ ଗୃହେଁ । ଥରି ଉଠେ । ପୁଣି ତା ଆଖି ଆଗରେ ନାଚିଯାଂତି ଦୁଇଟା ମହିଷିମୁହାଁ ଯମଦୂତ । ସେ ଦିନ ତ,ଂକରି ଚନ୍ଦ୍ର ତାକୁ ପୁରୋହିତ ଆପଣେ ଦୟାକରି ପୁରାଣରୁ ବାହାରକରି ମିଂକି ମିଂକି ଦୀପ ଆଲୁଅରେ ଦେଖେଇ ଦେଇଥିଲେ ।

Digitized by PPRACHIN, SOA

ତାର ସେ ଛନରଂଗିଆ ଚନ୍ଦ୍ରପଟଟା ମନେପଡ଼େ । କେଡ଼େ କେଡ଼େ ଆଖି, କମିତ ଶିଂଗ, ହାତ ଦନ୍ତା କମିତ ମାଂକଡ଼ ହାତ ପରି ରୁମ ସାଲୁବାଲୁ ହେଇଚ, ନଖଗୁଡ଼ାକ କମିତ ମୁନିଆଁ ମୁନିଆଁ ! ସେ ଡରୁଆ ପିଲାଂକ ପରି ଜନଦରେ ବଳାବଳେଇ ଉଠେ—

"ଆଇଲା, ଆଇଲ, ହେଇ ଆଇଲା !"

ଦନେ ଦନେ ବାଟ ଗୃଲୁ ଗୃଲୁ ନଗ୍ରଟିଆ ଦପହରେ ସେ ଏକା ହୋଇ ଗୋଟାଏ ଗଛମୂଳରେ ବସି ପଡ଼େ । ଗୃରିଆଡ଼ ଶୂନ୍‌ଶାନ୍—ଖାଁ ଖାଁ କରୁଥାଏ । ତାର ମନେ ପଡ଼େ ଡଲଗାଁ ଗ୍ରମା ଗଉଡ଼ର କଥା । ଗୋରୁ ମାରି ନୁଚେଇଥେଲା, କଂତୁ ମଲାବେଳ୍‌କୁ ଜିଭରେ ଘା ହେଇଗଲା, ପୋକମାଛି ହେଲା, ନାଂଗୁଡ଼ା ପୋକ ପାଟିରେ ସାଲୁବାଲୁ ହେଇ ଗୃଲଲେ । କେତେ ଗୁହମୂତ, ରକ୍ତପୂଯ ହେଇ ସେ ଘାଂଟି ଚକଟି ହେଲା । ତେବେ ହେଲେ କଣ ତାର ପ୍ରାଣ ଗଲା !

ଶେଷରେ ସାହି ଲୋକେ ପଗୃରିଲେ—କିରେ, ଗ୍ରମା, କଣ କରିଚୁ କହିଦେ । ନୋହିଲେ ସ'ଜରେ କଣ ପ୍ରାଣ ଯିବ ?

ଗ୍ରମା ମାନଗଲ । ଗୋରୁ ମାରିଥିବା କଥା କହିଦେବା ମାତ୍ରକେ ତାର ହିକ୍‌କା ଉଠିଲା । ଛନଥର ଗୋରୁଂକ ପରି ହଂବାଳି ଗ୍ରଡ଼ି ତାଠୁଁ ପ୍ରାଣବାୟୁ ଉଡ଼ିଗଲା ।······

ପହଲ୍ ଆଉ ଭାବି ପାରେ ନାଇଁ । ତାକୁ ଶୁଣାଯାଏ ଗୋଟାଏ ମାରଣା ଗୋରୁ ଯିମିତ ଖୁବ୍ ଦୂରରେ ହେଂଟର ଗ୍ରଡ଼ୁଚି । ସେ ଭୟରେ ଗଛଟାକୁ କୁଣ୍ଡାଇ ଧରେ ।

ନକଟରେ ହୁଏତ ଚୋଟିଏ ଦଓଟି ଗାଈ ଚରୁଥାଂନ୍ତ । ଧଳା, କଳା, କସରା ବାଛୁରିଗୁଡ଼ାକ ଚଲ୍‌ମାରି ତାଂକ ଗୃରିପାଖେ ନାଚୁଥାଂନ୍ତି । ପହଲର ମନେ ହୁଏ, ସେମାନେ ଯିମିତ ତାକୁ ଶିଂଗ ଉଚେଇ ମାରିବାକୁ ଆସୁଚଂନ୍ତି । ସେ ବାଡ଼ି ଖଂଡକ ଧରି ଛିଡ଼ା ହୁଏ—ଭୟତ୍ରସ୍ତ ଆଖିରେ ଇଆଡ଼କି ସିଆଡ଼କି ଗୃହେଁ ।

ଦନେ ଦନେ ଗ୍ରତରେ ପହଲ ସପନ ଦେଖେ—ଗୋଟାଏ ମଲା କାଳିଆ ଗୋରୁ ପେଟ ଫୂଲେଇ ତାଂକ ଅଗଣାରେ ଶୋଇଛି । ତା ପେଟ ଭିତରେ ଗୋଟାଏ କଅଁଳା ବାଛୁରି । ଗେଲ୍ ବୋଉ ଚଉରା ମୂଳରେ ବସି ଭୂକ ହୋଇ କାଂଦୁଚ । ଆଉ ତାର ମଲା ପିଲା ଗେଲ୍‌ଟା ପୁଣି ବଂଚଲାଣି । ସେ ବାଆ ବାଆ ବୋଲି ଗୃରିଆଡ଼େ ତାକୁ ଖୋଜି ବୁଲୁଚ । ପହଲର ନଦ ଗୃଉଁକନା ଭାଜିଯାଏ । ସେ ଉଠି ବସେ । ଦୂରରେ ଜଣାଯାଏ ଯିମିତ ସଁ ସଁ ହେଇ ଗୋଟାଏ କଣ ଚରୁଚ ।'

ଦନେ ଦନେ ବାଟ ଗୃଲୁ ଗୃଲୁ ହଠାତ୍ ପହଲ ଥକା ମାରି ଛିଡ଼ା ହୋଇଯାଏ । ତାର ମନେହୁଏ, ପଛରୁ ତାକୁ ଯିମିତ କିଏ ଡାକୁଚ ! ଗୋଜିଆ ଗୋଜିଆ ଶିଂଗ – ହାତରେ ଗୋଟାଏ ବାଗୁଆ ଫାଶପକା ଦଉଡ଼ି । ତାର ମନେ ପଡ଼ିଯାଏ ଗ୍ରମା ଗଉଡ଼ର ମୁହଁ । ରକ୍ତ, ପୂଯ, ଲାଂଗୁଡ଼ିଆ ପୋକ ! କଂତୁ ମନକୁ ମନ ବୁଝାଇ ସେ ପୁଣି ବାଟ ଗୃଲେ । ଶହେଥର ବଡ଼ଠାକୁରଂକ ନାଁ ସୁମରଣା କରେ ।

Digitized by PPRACHIN, SOA

ପୁରୀ ବଡ଼ଦାଣ୍ଡ । ଶହ ଶହ କୁଷ୍ଠରୋଗୀଙ୍କ ମେଳରେ ପହଲି ବି ବସି ଖପରାଖଣ୍ଡିକ ପତାଇ ଭିକ ମାଗୁଚି । ବଡ଼ ଦେଉଳ ଉପରେ ବଡ଼ ଠାକୁରଙ୍କ ତିନି ଘୋରୁଆ ନେତ ଉଡ଼ୁଥାଏ । ପହଲି ଏକାଗ୍ରତାରେ ସେଇ ଆଡ଼କୁ ଅନାଇ ରହେ । ତା ମନରେ ପୁରୀ ବଡ଼ଦାଣ୍ଡ ଛୁଇଁବା ପାଇଁ ଟିକିଏ ସାହସ ଆସିଲାଣି । ସେ ଆଉ ପୂର୍ବପରି ବଳିବଳେଇ ଉଠୁନାହିଁ କି ଠିଆରେ ଭୟଙ୍କର ସ୍ୱପ୍ନ ଦେଖି ଚମକି ପଡ଼ୁନାହିଁ । ପାଖରେ ଶୋଇଥିବା କୁଷ୍ଠରୋଗିଣୀଟା ହୁଏତ ପଚାରେ, "ଆଉ କେତେଦିନ ତୁ ହାଡ଼ ବାନ୍ଧିବୁ ମଉସା ?" ପହଲି ହାତ ଆଙ୍ଗୁଠି ଗଣି ଠାରି ଦିଏ "ଆଉ ସାତଦିନ ।"

ସାତଦିନ ପରେ ପହଲି ଗାଆଁକୁ ଫେରି ଆଇଲା । ସେ ଗେଲବୋଉର ରସଖଡ଼ୁ ବାସନ କୁସନ ବିକି ଟଙ୍କା ପାଞ୍ଚଟା ଅଣ୍ଟାରେ ଖୋସି ପୁରସ୍ତମ ଯାଇଥିଲା । ଘରଯାକର ସବୁ ଦରବ ବିକି ସେ ପୁରସ୍ତମରେ ପାତକ ଛଡ଼ାଇ ଆଇଚି ।

ମାସେ ଏକୋଇଶି ଦିନ ପୂରିଲା ଦିନ ସେ ପଞ୍ଚଗବ୍ୟ ହେଇ, ବ୍ରାହ୍ମଣ ଭୋଜନ କରାଇ, ମୁକ୍ତିମଣ୍ଡପର ଗୋସାଇଁ ମହାପୁରୁଷମାନଙ୍କୁ କିଛି କିଛି ଅଣ୍ଟା ଖୋଷା ଦେଇ ସେମାନଙ୍କର ପାଦଧୂଳି ଆଉ ଆଶୀର୍ବାଦ ନେଇ ଘରକୁ ଫେରି ଆଇଲା । ଆଇଲାବେଳେ ଗେଲବୋଉ ପାଇଁ ମହାର୍ଦ୍ଦ କୋଡ଼ିଏ ଆଉ ଶୁଖିଲା ନିର୍ମାଲ୍ୟ କେତେ ମୂର୍ତ୍ତି ମଧ୍ୟ ଆଣିବାକୁ ଭୁଲି ନ ଥିଲା । ଘରଫେରାଣି ପହଲିର ପାଦ ତଳେ ଲାଗୁ ନ ଥିଲା । ତା' ମନଟା ଖାଲି ଖୁସିବାସିରେ ଉଚ୍ଛୁଳି ଉଠୁଥିଲା ।

ମାଇ ସଞ୍ଜର କଳଁଲ ଅନ୍ଧାର ଗାଆଁ ଉପରେ ତାର ପାତଳ ଘଣ୍ଡୁଆ ଘୋଡ଼ାଇ ଦେଇଥାଏ । ଗାଁ' ମୁଣ୍ଡ ମାହାଲ ଗଛ ଉପରେ ମହୁମାଛିମାନଙ୍କର ସଞ୍ଜ ସଭା ବସିଥାଏ । ଗେଲବୋଉ ତାର ଶୁଖିଲା ମୁହଁ ଉପରେ ନୁଗା ପଣତ ଟାଣି ଦେଇ ବୃନ୍ଦାବତୀଙ୍କ ପାଖରେ ସଞ୍ଜବତିଟି ରଖି ଦଣ୍ଡବତ ହବା ବେଳକୁ ପଛରୁ ପହଲି ଡାକିଲା - "ଘର ଦ୍ୱାର ସବୁ ଭଲ ଅଛି ତ ଗେଲବୋଉ ?"

ଗେଲବୋଉ ଯାହା ଜବାବ ଦେଲା ସେଥିରେ ପହଲିର ତାଳୁ ଶୁଖିଗଲା । ତାର ଘର ଫେରନ୍ତା ଖୁସିବାସି ଆଖିପିଛୁଳାକେ କୁଆଡ଼େ ଉଭେଇଗଲା । "ଘରେ ପନ୍ଦର ଦିନ ହବ ଗୃହର ନାହିଁ, ମାଙ୍କଡ଼ଆଡ଼ିକି ଛେରି ଖାଇଗଲେ, ତିନିଦିନ ତଳେ ଯଉଁ ଶୀତଦିନିଆ ଅକାଳ ଝଡ଼ ହେଇଥିଲା ସେଥିରେ ହାଣ୍ଡିଶାଳ ଘର କାନ୍ଥଟା ଭୁଷୁଡ଼ି ପଡ଼ିଚି । ଆଉ ଭାଗ ବଳରୁ ଯଉଁ ଧାନଟିକ ଅମର ହେଇଥିଲା, ତାକୁ ଜମିଦାର ସାଆନ୍ତେ-ସେ ପୁରସ୍ତମ ଯାଇଥିବା ବେଳେ ଆଗତ ସାଲର ବାକି ଖଜଣା ବାବଦକୁ ଜବତ କରି ନେଇଚନ୍ତି । ଗତ ସାଲର ଖଜଣା ମାସକ ଭିତରେ ନ ଦେଲେ ପୁଣି ଘରଦ୍ୱାର କୋରଖ କରିବେ ବୋଲି ଧମକ ଦେଇଚନ୍ତି ।

ମୁଣ୍ଡରେ ହାତଦେଇ ପହଲି ସବୁ ଶୁଣିଲା । କିଛି କହିଲା ନାହିଁ । ସେ ବାଟସାରା ପୁରୀରୁ ଆଣିଥିବା ମହାର୍ଦ୍ଦ ଏକରକମ କଟିଗଲା ।

Digitized by PPRACHIN, SOA

ସଖୀଙ୍କୁ ପହଲି ଦେଖିଲି ଚୂଲିକି ହାଂଡ଼ି ଯିବାକୁ ଗୃଡ଼ିଲ ନାହିଁ । ପନିପରିବା ତ ଦୂରର କଥା । ହାଂଡ଼ିଶାଳ ଘରେ କାଂଥ ଭୁଷୁଡ଼ି ପଡ଼ି ମାଟି ଗଦା ହୋଇଚି । ଗୋଟାଏ କଣରେ ଗୋଟାଏ ମସ୍ତବଡ଼ ଉଇ ହୁଂକା ମୁଂଡ଼ ଟେକି ଛିଡ଼ା ହେଲାଣି । ହାଂଡ଼ିକୁଂଡ଼େଇ ହୋଇ ଯାହା ଦିଖଂଡ଼ ଥୋଇ, ତାହା କାଂଥରୁ ମାଟି ଖସି ଚୂନଚୂନ ହୋଇ ଯାଇଚି । ଘର ଭିତର ଖପରି ଖଂଡ଼ ଖଂଡ଼ ହୋଇଚି । ପହଲି ଦିମାସ କାଳ ପଡ଼ିଆ ହୋଇ ପୁରୁଷୋତ୍ତମରେ ବସିଥିଲା— ଘରେ ଫଟା ପାହୁଲାଟାଏ ବି ନାହିଁ । ବଂଧା ଛଂଦା ବା ବିକାକିଣା କରିବାପାଇଁ ଯାହା ଭଂଗାଦଦରା ହୋଇ ଦିଖଂଡ଼ କଂସାପତ୍ର ଥିଲା, ସେ ସବୁ ତ ପହଲି ବିକି ଖାଂଗି ପୁଣିରୁ ଗୋହତ୍ୟା ପାତକ ଛଡ଼ାଇ ଆଇଚି ! ବାକି ଅଛି କଣ ଯେ ସେଥିକି ଆଜି ସେ ହାତ ବଢ଼ାଇବ ? ମାଇପ ହାତରେ ଖାଲି ଶଂଖା ପଟିଏ— ଦିନକୁଦିନ ବେଶି ବେଶି ଛୁଗୁଲି ହୋଇଯାଉଚି ।

ସଖୀଙ୍କୁ ପହଲିକୁ ଦେଖି ଗାଆଁ ବ୍ରାହ୍ମଣେ ଧାଇଁଲେ, ଭୋଜନ ଦବାକୁ ହବ । ଗାଁ ବ୍ରାହ୍ମଣ ଶୁଦ୍ଧି ନ କଲେ କୁଆଡ଼େ ପାତକ ଛୁଟିବ ନାହିଁ । ଜମିଦାରଂକ ପିଆଦା ଆସି ଦୁଆରେ ବସିଲା । ଗତ ସାଲର ଖଜଣା ପରିଶୋଧ ନ କଲେ ସାଆଂତେ ମକଦ୍ଦମା କରିବେ । ଜାତିଭାଇ ଧରି ବସିଲେ, ଜାତିଭାତ ଦେଇ ଶୁଧିଅ ହେବାକୁ ପଡ଼ିବ ।

ପହଲି ମୂଲ ଲଗିବାକୁ ବାହାରିଲା । ମାତ୍ର ପୁଷୁମାସ, ଧାନକଟା ପରେ ପାଇଟି କାହୁଁ ଜୁଟିବ ? ତା ଛଡ଼ା ପହଲି ଲକ୍ଷ କଲା ଯେ, ଗାଁ ଲୋକେ ତାକୁ ଦେଖି ଆଜିକାଲି କମିତି ନାକ ଟାଉଁ ଟାଉଁ କରୁଛଂତି । ଜଣେ ସେ ଦିନ ତାକୁ ବଡ଼ପାଟି କରି ଶୁଣାଇ ଦେଲା—"ଗୋରୁ-ମରାଟାକୁ ଛୁଇଁଲେ ଛୁଆଁ ଲଗିବ ।" ପହଲି ସେହିଦିନୁ ଆଡ଼ଛଡ଼ା ହୋଇ ରହିଚି, କାହାରି ସାଥିରେ ବଲେ ପଣି ମିଳାମିଶା କରୁନାହିଁ ।

ଜାତିଆଣ ଭାତ ଦେଇ ନ ପାରିବାରୁ ପହଲି ଅଜାତିଆ ହେଲା । ସବୁଆଡ଼ୁ ବାସଂଦ । ବ୍ରାହ୍ମଣ ଗୋସେଇଁମାନେ ଅଡ଼ି ବସିଲେ । ଧୋବା ଭଂଡ଼ାରି ନିଆଁ ପାଣି ସବୁ ମନା ହୋଇଗଲା । ପହଲି ଏକଘରକିଆ ହୋଇ ରହିଲା ।

ପହଲିର ସାଲଗଜା ପରି ଦିହଟା ଶୁଖି ଶୁଖି ଆସି କଂଟା ହୋଇ ଗଲାଣି । ଗେଲି ବୋଉକୁ ଫୁଂକି ଦେଲେ ପଡ଼ିଯିବ । ଖାଲି ହାଡ଼ ଦିଖଂଡ଼ ଦେଖା ଯାଉଚି । ସେ ସ୍ତ୍ରୀକୁ ବାପ ଘରକୁ ପଠାଇ ଦେଲା ।

ପହଲିର ଦିନେ ଚୁଲି ଜଳିଲେ ଦି ଦିନ ଖାଡ଼ା ଉପାସ । ଦୋକାନୀ ଧୋବ ସାହୁ କଉଡ଼ିଆ ଦବାକୁ ନାହିଁ କରି ଦେଲାଣି । ପହଲିକୁ ବୁଦ୍ଧି ଦିଶୁ ନାହିଁ ।

ଦୁଃଖ ଅଭାବ ହାନି ଗ୍ଲାନିର ସହି ସହି ପହଲିର ମୁଂଡ଼ ଖରାପ ହୋଇ ଗଲାଣି । ସେ ପୁରୁଷୋତ୍ତମ କ୍ଷେତ୍ରରେ ଏତେ ଟଂକା ପଇସା ଖର୍ଚ୍ଚ କରି ମନର ଯେଉଁ କଳା ଦାଗଟାକୁ ଲିଭାଇ ଦେଇ ଆସିଥିଲା, ତାହା ପୁଣି ଗହିରିଆ ହୋଇ ତା ମନ ଉପରେ ଗାର କାଟିଲାଣି ।

ଆଗପରି ପୁଣି ସେଇ ଭୟଂକର ସ୍ୱପ୍ନ ତାକୁ ବେଳେ ବେଳେ ପାଗଳ କରି ପକାଉଚି । ସେ ବେଳେ ବେଳେ ଚମକି ଉଠୁଚି । ତାର ମନେ ହେଉଚି, ଗୋଟାଏ କଣ

Digitized by PPRACHIN, SOA

କାଳିଆ ହେଇ ଯିମିତ ସାଁ ସାଁ ହେଇ ତା ଘରପଟେ ଚରି ବୁଲୁଚ । ସେ ରାତରେ ସ୍ୱପ୍ନ ଦେଖୁଚ ଗୋଟାଏ ମାରଣା ବଳଦ ତାକୁ ଯେପରି ଶିଂଗରେ ଭୁଷି ଦେବା ନାଗି ନାଂକ ଠିଆ କରି ଧାଇଁ ଆଉଚ । ସେ ସପନରେ ବଲ୍‌ବଲେଇ ଉଠୁଚ୍ଛ—"ହେଇ, ଆଇଲା, ଭୁଷି ଦବ, ଭୁଷିଦବ ପଳାଅ, ପଳାଅ···।"

ପହଲର ସବୁ ଯାଇ ବାକି ଯାହା ଥିଲା, ସେଇ ଭଂଗା ଘର ଖଂଡ଼କ ମଧ୍ୟ ଶେଷରେ ଖଜଣା ଦେଇ ନ ପାରିବାରୁ ନିଲାମ ହେଇଗଲା । ତାର ଏଡ଼େ ବଡ଼ ଦୁନିଆରେ ମୁଂଡ ଗୁଂଜିବାକୁ ବାଡ଼ି ଗୋବରେ ଗୋବେ ହେଲେ ଥାନ ରହିଲା ନାହିଁ । ଘରଖଂଡ଼କ ନିଲାମ ହେଲାବେଳେ ପହଲ ବକ୍ ବକ୍ ହେଇ ଅନାଇ ରହିଥିଲା । ତା ପାଟିରେ ଉଁ କି ଚୁଁ କଥା ଫୁଟୁ ନଥିଲା । ତାକୁ ଯେତେବେଳେ ଜଣାଇ ଦିଆଗଲା ଯେ ଏଣିକି ଆଉ ସେ ଘରେ ରହିପାରିବ ନାହିଁ ସେତେବେଳେ ସେ ଚୁପକରି ଉଠି ଛିଡ଼ା ହେଲା । ତାପରେ ଗୋଟାଏ ଯାବଲ ନେଇ ହାଂଡ଼ିଶାଳ ଘରୁ ତାର ଈଶାଣ ବେଦୀ ଆଉ ବାଡ଼ିପଟ କାଂଥରୁ ତାର ମଲାଝିଅ ଗେଲିର ଷଠି ଗାତଟାକୁ ତାଡ଼ି ନେଇ ଆସି ଧୀରେ ଧୀରେ ସେ ଘର ଗୁଡ଼ି ପଦାକୁ ବାହାରିଲା । ସେଇ ଯେ ଗଲା, ଆଉ ଥରେ ହେଲେ ସେ ଫେରି ଅଇଲା ନାହିଁ ।

ବାପ ଅଜା ଅମଳର ଘର ଖଂଡ଼ିକ ଯିବା ପରେ ପହଲର ମନର ଅବସ୍ଥା ଆଉରି ଖରାପ ହେଇଗଲା । ସେ ଏ ଓଳି ସେ ଓଳି ହେଇ କୌଣସି ପ୍ରକାରେ ଦିନ କଟାଇ ଦେବାକୁ ଲାଗିଲା ।

ଘର ମଝିରେ ଥିବା ଝଂକା ସଜନା ଗଛଟି ପହଲର ଭାରି ପ୍ରିୟ । କୁଢ଼ କୁଢ଼ କରି ଅଇଁଠା ପାଉଁଶ ତା ମୂଳରେ ଓଜାଡ଼ିଚ ସେ । ସଜନା ଗଛରେ ଛୁଇଁ କେତେ କେତେ ଫଳ ତଳେ ଝଡ଼ିଚ ପଛେକେ ସେଥିରୁ ଗୋଟେ ତୋଳି ଆଣି ପଖାଳ ଖାଇବା ପାଇଁ ତା ହାତ ଯାଇ ନାହିଁ ସଜରେ । ତାରି ଛାଇରେ ବସି କେତେ ଜହ୍ନରାତ ସେ କଟାଇ ଦେଇଚ । ଦାଂଡ଼ରେ ଠିଆ ହେଇ ହର୍ଦିନେ ହଦନେ ପହଲ ସେଇ ଗଛଟା ଆଡ଼କୁ ଚାହେଁ—ତା ମୂଳରେ ଟିକିଏ ଯାଇ ବସିବା ପାଇଁ ତାର ଭାରି ଇଚ୍ଛା ହୁଏ । କିଂତୁ ସେ ଫେରି ଆସେ । ସାଆଂତ ଘରର ଜଗୁଆଳଟା ତାକୁ ଦେଖି ଥଟା କରି କହେ "କବେ, ଗୋରୁମରା ପହଲ !"

ପହଲର ମନେ ପଡ଼େ ତା ଘରର ପଛପଟ ପିଂଡ଼ାତଳେ ବୁଦା ବୁଦା ହେଇ କାନସିରି ଶାଗ ମାଡ଼ିଥିବ । କୂଅ ମୂଳେ ସେଇ ସଦାବିହାରୀ ଆଉ ଗୋଡ଼ିବାଣ ଗଛ ଗୁଡ଼ାକ ବୋଧହୁଏ ଫୁଲରେ ନେଥି ହୋଇଯାଉଥିବ, ତାର ମନ ଡାକେ କମିତ ଟିକିଏ ଯାଇ ସେ ଏସବୁ ଗୁଡ଼ାକ ଥରେ ଆଖି ପୂରାଇ ଦେଖି ଆସଂତା କି !

ତା ଭଂଗା ଛାତି ଭିତରେ କୋହ ଉଠେ । ତା ମନଟା ଚୂନା ଚୂନା ହେଇ ଭାଙ୍ଗି ପଡ଼େ ! ସେ ଚେଇଁ ଚେଇଁ କେତେ କଣ ବିକଟାଳ ସ୍ୱପ୍ନ ଦେଖେ । ବାଉଳି ବିଉଳି ହୁଏ । ତାର ମନେ ହୁଏ, ସେ ଯିମିତ ଗାଁଆ ଭିତରେ କଉଦିନ ମରି ଗଲାଣି ।

× × × ×

Digitized by PPRACHIN, SOA

ଘର ନିଲାମ ହବାର ମାସ ଗୋଟାକ ପରେ ସାହୁବାବୁ ଘନେ କଥାବାର୍ତ୍ତା ହେଲେ—ପହଲି ପଧାନ ପାଗଳ ହେଇ ଗଲାଣି । ଗୃହମୃତ ସାଲୁବାବୁ ହେଇ ଏଣେ ତେଣେ ବୁଲୁଚ, ଥାଉ ମଣିଷ ଦେଖିଲେ କହୁଚ—ହେଇ, ଆଇଲା, ଆଇଲା, ଭୁଷିଦବ, ଭୁଷିଦବ, ହୁସିଆର ।

ପାହାଡ଼କୁ କାଳେଣିକାଠ ଗୋଟାଇବା ନାଗି କେତେଜଣ ବାଉରୀଣୀ ଟୋକୀ ଯାଇଥେଲେ । ସେମାନେ ସଂଜବୁଡ଼େ ଧୋବ ସାହୁ ଦୋକାନ ମୁଂଡ଼ରେ କଥାଭାଷା ହଉଥେଲେ—ପହଲି ପାହାଡ଼ ଉପରେ ବଇଚ—ଖାଲି ବଳଦଂକ ପରି ବୋବାଳି ଛୁଡ଼ଚ—ଆଉ କଉଚ—"ହେଇ ଆଇଲା, ଆଇଲା, କେଡ଼େ କେଡ଼େ ଶିଂଗ ହେଇଚ, ଖାଲି ସଁ ସଁ ହଉଚ । ମୁଁ ମରିଗଲି, ମୁଁ ମରିଗଲି, ସାଆଂତେ" ।

ସବୁ ଶୁଣି ଗଂଭୀର ହେଇ ନଧି ମିଶ୍ରେ କହଲେ—ତା ପାପ ତାକୁ ଦେଖେଇବ ନାଇଁତ ଯିବ କୁଆଡ଼େ ? ଶୁଦ୍ଧ ନ ହେଲେ କ ଗୋହତ୍ୟା ପାପ ଛୁଡ଼େ ? ଯେତେ କହଲୁଁ, ଆମ କଥା ଗଂଧେଇଲା । ଟଂକା ଦଶଟା ଖର୍ଚ କରି ବ୍ରାହ୍ମଣ ଭୋଜନଟା କରାଇ ଶୁଧିଅ ହେଇ ଯାଇଥିଲେ ଆଜ ସେ ସୁରୁଖୁରୁରେ ଝାଡ଼ଝୁଡ଼ି ହେଇ ବଇଥାଂତା । ଧର୍ମ କଣ କୁଆଡ଼େ ଯାଇଚ ?

ପଗାଷିତ ବ୍ରହ୍ମା କହଲେ—ଆଜକାଲି ଶ୍ୟାସ୍ତ୍ର ପୁରାଣ କଥା କିଏ କଣ ମାନୁଚଂଥି, ମିଶ୍ରେ ? ଦେଖୁନ ମଲାବେଳେ କମିତ ଗୋରୁପରି ବୋବାଉଚ ? ତାକୁ ଆସି କାଳ ପୁରିଲାଣି । ତା ପାପ ତା ଆଗେ ଆଗେ ଯାଉଚ ନା ନୁଚୁଚ ?

ନଗୁଣ୍ଡିଆ ପାହାଡ଼ ଉପରେ ପହଲିର କଂକାଳ । ଗୋଟାଏ ଭୟାନକ କଳ୍ପନାର ପ୍ରେତାତ୍ମା ତା ମନ ଉପରେ ନଂବ ନଂବ ଛୁଇ ପକେଇ ମାଡ଼ି ବଇଚ । ସେଥିରୁ ତାର ଉଦ୍ଧାର କାଇଁ ? ତା ସଂଗରେ ଏକଜୁଟ ହେଇଚଂଥ ବହୁଦିନର ଶୋକ, ଓପାସ, ଅଭାବ, ଯଂତ୍ରଣା ଆଉ ଅପମାନ । ସମସ୍ତେ ମିଳି ତା ମନଟାକୁ ଚୂନା ଚୂନା କରି ପେଷି ଦବାକୁ ବଇଚଂଥି ।

ପହଲି ଦେଖୁଚ ତା ଆଗରେ ଘରଦ୍ୱାର, ସ୍ତ୍ରୀ-ପରିବାର, ଜ୍ଞାତିକୁଟୁଂବ କେହି ନାହାଂଥି । ଅଛୁ ଖାଲି ଗୋଟାଏ ଫାଂକା ନିଶୁନ··· । ଆଉ ଅଛୁ ଗୋଟାଏ ମସ୍ତବଡ଼ ପୋଥି—ପୃଷ୍ଠାରେ ତାର ନେଂଖା ହେଇଚ ବଡ଼ ବଡ଼ ଯମଦୂତଂକ ଛବି, କଳା କଳା ଆଖି, ଗୋଜା ଗୋଜା ଶିଂଗ । ସେ ପୋଥିର ଅକ୍ଷର ଗୁଡ଼ାକ ଗୋଟେ ଗୋଟେ ଯିମିତ ଘୋରଣା ଚକ··· ।

ପହଲିର ମନେ ହୁଏ ସେ ଗୋରୁ ମାରି ନାଇଁ ଯେ ତା ନିଜ ବେକରେ ଛୁରି ବସେଇଚ ।

ପହଲିର ଅଚଳ ତାବଦା ମନଟା ଆଉ ହଲଚଲ ହୋଇ ପାରୁ ନାଇଁ । ସବୁ ତାକୁ ମାଡ଼ି ମାଡ଼ି ପଡ଼ୁଚ, ଗୁରିଆଡ଼ ଖାଲି ତାକୁ ଖାଁ ଖାଁ ଜଣା ଯାଉଚ ।

ବେତନଟୀର ଘଂଚ ଅରମା ଭିତରୁ ଡାମରାକାଉ ଡାକଯାଏ 'କା-କା-କା' । ବଣ, ନଟା, ମୁଂଡ଼ିଆ ସମସ୍ତେ ଯିମିତ ଜୀଅଂତା ମଣିଷ ପରି ଭୁହାଇ ଭୁହାଇ ତା କାନ ଭିତରେ ଡାକଯାଆଂଥି ଆ—ଆ—ଆ ।

Digitized by PPRACHIN, SOA

ପହଲ୍ ଦେଖିଲା ତଳ ଗାଁ ଗ୍ରାମା ଗଉଡ଼ର ମଡ଼ାଟା । ତା ମଲା ମୁହଁରେ ଝହ ଝହ ଉଚ୍ଛୁଳା ହସ ।

ଆଉ ଦୂରରେ ଗୋଟାଏ କଣ ସଅଁ ସଅଁ ହେଇ ଚରୁଚ !!!

ପହଲ୍ ଭୟରେ ଥରଥରେଇ ଉଠି ବେହୋସ ହେଇ ତଳେ ଗୋଟାଏ ମୁନିଆ ପଥର ଉପରେ କଚାଡ଼ ହେଇ ପଡ଼ିଲା ।

ତହିଁଆରଦିନ ପତର ଗୋଟେଇ ଟୋକାଏ ଯାଇ ଗାଆଁରେ ରାଷ୍ଟ୍ର କଲେ—ପହଲ ସୁକୁ ସୁକୁ ହେଇ ହୁକୁଉଚ ଏଇନା କି ଆଉ ଟିକେ···।

ଝେଲା ଜଗୁଆଳା ନୋକା ଯାଇ ସାହା ମଝିରେ ହାତ ଗୋଡ ହଲାଇ କହିଲା—ହେ'ଟା ଯମଦୂତ ପହଲକୁ ଜଗି ବଇଚଂନ୍ତି । ମୁହଁଗୁଡ଼ାକ ତାଂକର ବଳଦ ପରି । ସେ ଧୋ ଧୋ କରି ଦବାରୁ ସେମାନେ ପଳାଇ ଗଲେ ।

ଗାଆଁର ହେ'ଗୁରି ଜଣ ଭେଂଡ଼ିଆ ଯାଇ ଦେଖି ଆଇଲେ ଗୋଟେ ପଥର ସଂଧିରେ ମୁଂଡ଼ ଗେଂଜା ପହଲ ପଡ଼ିଚ । ତା ଖପୁରିରୁ ଫାଲେ ଉଡ଼ିଯାଇ ଦହି ବାହାରି ପଡ଼ିଛୁ ।

ଖବର ପାଇ ସେଇ ରାତିରେ ଗେଲ୍ ବୋଉ ଆଇଲା । ସେ ଗିରସ୍ତକୁ ଶୁଧ୍ୟ କରି ଗୋରୁମରା ପାତକରୁ ଉଦ୍ଧାର କରିବା ନାଗି ବାପଘରୁ କିଛୁ ଟଂକା ଧରି ଆଇଥିଲା । ସେଇ ରାତିରେ ତାଂକୁ ଟିକିଏ ପହଲ ପାଖକୁ ନେଇଯିବା ପାଇଁ ସେ କେତେ ନୋକଂକ ପାଖରେ ନେହି ନେହୁରା ହେଲା । ମାତ୍ର ଏଡ଼େ ବଡ ଗାଆଁଟାରେ ଜଣେହେଲେ କେହି ରାତି ଅଧରେ ମୁଂଡ଼ିଆ ଉପରକୁ ଯିବାକୁ ମଂଗିଲେ ନାହିଁ ।

ବଡ଼ିସକାଳୁ ଗେଲବୋଉ ମୁଂଡ଼ିଆ ଉପରକୁ ଯାଇ ବାଉରୀଣୀ ଟୋକାଂକ ଠାରୁ ସଂଧାନ ନେଇ ଦେଖିଲା, ପହଲ ମରିଗଲାଣି । ତା ପାଟିରୁ ଫେଣ ବାହାରି ପଡ଼ିଚ, ଆଖି ଖୋସି ହେଇ ଯାଇଚ, କାନପାଖ ଖପୁରିରୁ ଫାଲେ କେନା କେନା ହୋଇ କୁଆଡ଼େ ଉଡ଼ି ଯାଇଚ ।

ତା ଆଖିରୁ ଲୁହ ମରି ଯାଇଥିଲା । ସେ କେବଳ କଲବଲ ହେଇ ସେ ଆଡ଼କୁ ଅନାଇ ରହିଲା ।

ଅଣଶୁଧିଆ ପହଲର ମୁର୍ଦ୍ଦାର କିମିତି ଉଠିବ ଏକଥା ନେଇ ଗାଆଁରେ ଖୁବ ଯୁକ୍ତିତର୍କ ଚାଲିଥିଲା ।

ଗେଲବୋଉ ଗିରସ୍ତକୁ ଶୁଦ୍ଧ କରିବା ପାଇଁ ବାପଘରୁ ଆଣିଥିବା ଦଶଟି ଟଂକା ପଣତ କାନରୁ ଫିଟାଇ ଗାଆଁର ମୁରବିମାନଂକ ହାତକୁ ବଢ଼ାଇ ଦେଇ ନଂବ ହୋଇ ସମସ୍ତିଂକ ଗୋଡ଼ତଳେ ପଡ଼ିଗଲା ।

ବ୍ରାହ୍ମଣ ଗୋସାଇଁ ଆଉ ଜାତିଭାଇମାନେ ଖୁସି ହେଇ ପହଲର ମୁରଦାରକୁ ଆଶୀର୍ବାଦ କଲେ ।

Digitized by PPRACHIN, SOA

ରଜାପୁଅ

ମେଘନାଦ ପାଚେରି ଘେରା ଉଆସ ଭିତରେ ରାଜଜେମା ବନ୍ଦିନୀ । ସିଂହ ଦୁଆରେ ପଂକ୍ତି ପଂକ୍ତି ଯୁଆନ ସିପାହି ପହରା ଦେଉଛନ୍ତି ।

କୋଷ୍ଠି ଗଣନା କରି ରାଜାଙ୍କୁ ଜ୍ୟୋତିଷ କହିଛନ୍ତି, ଏ କନ୍ୟା ତାଙ୍କର ଅଶେଷ ମନସ୍ତାପର କାରଣ ହେବେ । ରାଜା ସେଥିପାଇଁ ଜେମାଙ୍କୁ ପିଲାଟିଦିନୁ ଗଡ଼ ବାହାରେ ଘୋର ବନସ୍ତ ଭିତରେ ଏକ ବିରାଟ ନଅର ତୋଳାଇ ତା'ରି ଭିତରେ ବନ୍ଦିନୀ କରି ରଖିଛନ୍ତି ।

ବାହାରର କୌଣସି ଜନପ୍ରାଣୀ ଯେପରି ଜେମାଙ୍କର ଛାଇ ଦେଖି ନ ପାରେ, ସେଥିପାଇଁ ନଅର ଚାରିପଟେ କଡ଼ା ପହରାର ଲୁହା ବାଡ଼ ଘେରାଇ ରଖାଯାଇଛି । ଦଳ ଦଳ ଯୁଆନ ସିପାହିଙ୍କ ଉପରେ ଜଗୁଆଳ ହୋଇ ରଖା ହୋଇଛି ବୁଢ଼ା ସର୍ଦ୍ଦାର ପାହାଡ଼ସିଂହକୁ—ଛାତିରେ ଯା'ର ହାତୀର ବଳ—ଆଖି ଦି'ଟା ଯାହାର ବାଘର ନଖ ପରି; ମୁନିଆଁ ଆଉ ଶାଣ ।

ରାଜଜେମାଙ୍କର ମନ ଖରାପ । ସେ ଅତି ଦୁଃଖରେ ବସି ବୀଣା ବଜାଉଛନ୍ତି ।

ଅବନ୍ତୀ ଦେଶର ରାଜକୁମାର ଶିକାରକୁ ଯାଇଥିଲେ । କ୍ଳାନ୍ତ ରାଜପୁତ୍ର ଜଂଗଲ ଭିତରେ ଏକ ପୋଖରୀ କୂଳରେ ବିଶ୍ରାମ କରୁଛନ୍ତି । ଘୋଡ଼ାଟି ନିକଟରେ ବନ୍ଧା ହୋଇଛି, ହାତର ଧନୁ ହୁଗୁଳା ହୋଇ ପଡ଼ିଛି ତଳେ ।

ରାଜକୁମାରୀଙ୍କ କାନ୍ଦଣା ପବନରେ ଭାସି ଆସି ପୋଖରୀ ଜଳ ଭଉଁରୀ ସଂଗେ ପହଁରି ପହଁରି ଲେଉଟି ଯାଉଛି ଭୂଇଁରେ । ରାଜକୁମାର ଚମକି ପଡ଼ିଲେ ।

ଜନହୀନ ଜଂଗଲ ମଝିରେ ନାରୀର କାନ୍ଦଣା । ରାଜକୁମାର ସେଇ ସ୍ୱର ପଛେ ପଛେ ଯାଇ ପହଂଚିଲେ ଏକ ଫୁଲଗଛ ଘେରା, ମେଘନାଦ ପାଚେରି ଟଂକା ଅଟ୍ଟାଳୀ ନିକଟରେ ।

ବାତାୟନ ତଳେ ଠିଆ ହୋଇ ରାଜପୁତ୍ର ଦେଖିଲେ, ରାଜକୁମାରୀ କୋଠା ଉପରୁ ତାଙ୍କର ଆଡ଼କୁ ଚାହିଁଛନ୍ତି । ଆଖିରେ ତାଙ୍କର ଅବୁଝା ସଂକେତ—ଓଠ ତଳେ ତଳେ କରୁଣ ହାସର ଇସାରା ।

Digitized by PPRACHIN, SOA

ଏହି ସମୟରେ ନିଜ ଆଖିର କଜଳ ମିଶା ଲୁହରେ ଖଂଡେ ଭୂର୍ଜପତ୍ର ଉପରେ କଣ ଲେଖି ରାଜକୁମାରୀ ଅଟାଳୀ ଉପରୁ ଫିଂଗିଦେଲେ । ସେଥିରେ ତାଂକର ସମସ୍ତ ବୃତ୍ତାଂତ ଲେଖାଥିଲା ।

ରାଜକୁମାର ଧନୁରେ ହୁଲ ଦେଇ ସିଂହଦ୍ୱାର ଆଡ଼କୁ ଘୋଡ଼ା ବାଗେଇଲେ । ସର୍ଦ୍ଦାର ପାହାଡ଼ ସିଂହ ବସି ଅରଟରେ ସୂତା କାଟୁଛି—ସିପାହିମାନେ ଦ୍ୱିପହର ଖରାରେ ହାଲିଆ ହୋଇ ଯିଏ ଯେଉଁଠି ଶୋଇ ପଡ଼ିଛଂତି । ଏଇ ଜନଶୂନ୍ୟ ନିର୍ଜନ ରାଜପୁରୀରେ ଶତ୍ରୁର ଆଶଂକା ସେମାନଂକର ମନକୁ କେବେହେଲେ ଛୁଇଁ ନାହିଁ ।

ରାଜପୁତ୍ରଂକ ଘୋଡ଼ାଟାପୁର ଶବ୍ଦ ଶୁଣି ଅପ୍ରସ୍ତୁତ ଜଗୁଆଳ ବାହିନୀ ଚମକି ପଡ଼ି ଛିଡ଼ା-ହେଲେ । ସର୍ଦ୍ଦାର ଶିଂଘା ବଜାଇଲା । ସିପାହିମାନେ ହାତରେ ବର୍ଚ୍ଛା ଧରିଲେ ।

ରାଜକୁମାର ଧନୁରେ ଦୁଇଟି ତୀର ଯୋଜନା କଲେ । ତା'ପରେ ସର୍ଦ୍ଦାରର ଦୁଇ ଆଖିକି ଲକ୍ଷ୍ୟ କରି ସେ ବିଂଧିଦେଲେ ଦୁଇଟି ଶର । ସର୍ଦ୍ଦାର ହୁଂକାର ଗୁଡ଼ି ତଳେ ପଡ଼ିଗଲା । ପାଇଲାର ସଂଗୀନ ପରି ହିଂସ୍ର ତାର ଦୁଇଟି ଆଖିରୁ ବୋହି ଆସିଲା ଦୁଇଧାର ଗରମ ରକ୍ତ···

ସିପାହିମାନେ ହାତରେ ବର୍ଚ୍ଛା ଧରି ଧାଇଁ ଆସିଲେ ରାଜକୁମାରଂକ ଆଡ଼କୁ । କିଂତୁ ରାଜକୁମାର ଘୋଡ଼ା ଝପଟାଇ ବିଜୁଳି ପରି କ୍ଷଣକେ ଅଂତର୍ଧାନ ହୋଇ ଯାଇ ପୁଣି ପଛକୁ ଫେରିପଡ଼ି ଗୋଟିକ ପରେ ଗୋଟିଏ ସିପାହିକୁ ତୀର ମାଡ଼ରେ ଗଛ କାଟିଲା ପରି ତଳକୁ ଖସାଇ ଦେଲେ । ବାକୀ ଯେଉଁମାନେ ରହିଲେ, ସେମାନଂକ ଭିତରୁ କେତେଜଣ ରାଜକୁମାରଂକ ଚାରିପଟେ ଘେରି ଯାଇ ତାଂକୁ ମାରିବା ପାଇଁ ବର୍ଚ୍ଛା ଉଠାଇଲେ ।

ଦର୍ଶକମାନେ ଭୟରେ କଳାକାଠ ପଡ଼ିଗଲେ । ରାଜକୁମାର ଜୀବନ ମରଣର ସଂଧି-କ୍ଷଣରେ । ବେହେଲାବାଲା 'ତାର' ଉପରେ ଏକ କରୁଣ ମୂର୍ଚ୍ଛନା ଖେଳାଇଲା । ଗୋଟାଏ ବର୍ଚ୍ଛା ଫଳକ ଆସି ରାଜକୁମାରଂକ ଦକ୍ଷିଣ ବାହୁ ବିଦ୍ଧ କଲା । ଯେଉଁମାନେ ସୁଆଂଗ ଦେଖୁଥିଲେ, ସେମାନଂକ ଆଖିପତା ଲୁହରେ ଛଳ ଛଳ ହୋଇ ଆସିଲା । ମାଣିକ କାନି ପଣତରେ ଲୁହ ପୋଛୁଲା ।

ରାଜକୁମାର ତୂଣୀରୁ ଆଉ ଗୋଟିଏ ଶର କାଢ଼ିଲେ । ଲଂଠଣ ଆଉ ମଶାଲ ଆଲୁଅରେ ଶରଟା ଚକ୍ ଚକ୍ କରି ଉଠିଲା । ସିପାହିମାନଂକର ଉଦ୍ୟତ ଆକ୍ରମଣ କ୍ରମେ ନିକଟତର ହୋଇ ଆସୁଛି ।

ଠିକ୍ ଏଇ ସମୟରେ ସେ ତୀର୍ଯକ୍ ଗତିରେ ସେମାନଂକ ଘେରରୁ ଖସି ଯାଇ ସର୍ବାପେକ୍ଷା ନିକଟତମ ସୈନିକର କପାଳ ଲକ୍ଷ୍ୟ କରି ଶର ବିଂଧିଲେ । ସେ ସୈନିକଟା ତଳେ ପଡ଼ିଯିବା ସଂଗେ ସଂଗେ ରାଜପୁତ୍ର ଅଂଟାରୁ ତରବାରି ବାହାର କରି ବିଦ୍ୟୁତବେଗରେ ଅବଶିଷ୍ଟ ଆକ୍ରମଣକାରୀଂକୁ ଛିନ୍ନ ଭିନ୍ନ କରି ପକାଇଲେ । ସେମାନେ ପ୍ରାଣ ଘେନି ଯେ-ଯୁଆଡ଼େ ଛତ୍ରଭଂଗ ଦେଇ ପଳାଇଗଲେ ।

Digitized by PPRACHIN, SOA

ସମସ୍ତଙ୍କ ଆଖିରେ ପୁଣି ଆଶା ଫେରି ଆସିଲା । ମାଣିକ ଲୁହ ପୋଛୁ ପୋଛୁ ଦେଖିଲା, ଶର ମାଡ଼ରେ କାତ୍ ହୋଇ ପଂଝା ପଂଝା ସିପାହିର ମୃତ ଦେହ ତଳେ ଲୋଟୁଚି—କାହାର ଜିଭ ବାହାରି ପଡ଼ିଚି ତ, କାହାର ଆଖି ତାଳୁକୁ ଖୋଷି ହୋଇ ଯାଇଚି, ଆଉ ରାଜକୁମାରୀ ବରଣମାଳା ଧରି ଅଟାଳୀ ପରି ତୋଳା ହୋଇଥିବା କ୍ୟାଠମଂଚା ଉପରୁ ଧୀରେ ଧୀରେ ଓହ୍ଲାଇ ଆସୁଛଂତି । ସମସ୍ତଙ୍କ ସହାନୁଭୂତି ରାଜକୁମାରଂକ ଆଡ଼କୁ ଗଲା । ସମସ୍ତେ ତାଂକୁ ଧନ୍ୟ ଧନ୍ୟ କଲେ ।

ବାଉରି ସାହିର ନକୁଲା ରାଜପୁତ୍ର ସୁଆଂଗ ଭିଡ଼ିଥିଲା । ତାର ପାଉଡ଼ର ବୋଳା ଗୋରା ତକ ତକ ମୁହଁ, ମୁଂଡ଼ରେ ସୁନା ମକୁଟ, ଦେହରେ ଜରିର ପୋଷାକ, ଠିକ୍ ଅବଂତୀ ଦେଶର ରାଜକୁମାର ପରି ମନାଉଥିଲା ।

ଖିର୍‌ତଳ୍ଲିଲା ସରିଲା······। ସୁଆଂଗିଆ ଭେଶ ଫିଟାଇ, ବିଦାକ ପତ୍ର ନେଇ ଯାତ୍ରା ଝାଂଗି ଯେଝା ଘରକୁ ଫେରିଗଲେ !

ତହିଁ ଆରଦିନ ଦ'ପହର ବେଳ । ଧି ଧି ତାତି, ଗଛପତ୍ର ଖରାରେ ଆଉଜି ଯାଉଛଂତି । ରାଜପୁତ୍ର ହଳଧରି ବିଲରୁ ଫେରୁଥିଲା, ତାର ଗୋରା ତକ ତକ ମୁହଁରେ ପାଉଡ଼ର ନାହିଁ । ଦିନସାରା ନ ଖାଇ ଖରାରେ ସିଝି ଦେହଟା ତା'ର ତଂବାଳିଆ ଦିଶୁଯାଉଛୁ । ତାର ଶୁଖିଲା ଗାଲରୁ ଝାଳ ଟପ ଟପ ହୋଇ ନିଗିଡ଼ି ପଡ଼ୁଛୁ, ଅଂଟାରେ ଗୁଡ଼ାଇଛୁ ସେ ଖଂଡ଼େ ଓଣଓସାରିଆ କରିଆ ।

ମାଣିକ ତା ଦାଦି ପାଇଁ ବିଲକୁ କଂସା ଖଂଡ଼କରେ ବୁହାଭାତ ନେଇ ଯାଉଥିଲା ।

ଗାଁ ଶେଷ ତୋଟାରେ ଦୁହିଂକର ଦେଖା ହେଲା । ନକୁଲା ପାଂଚଣ ଖଂଡ଼କ ଭୂଇଁରେ ଲଗାଇ ତା ଉପରେ ଭରା ଦେଇ ଟିକିଏ ଛିଡ଼ା ହେଲା । ମାଣିକ କହିଲା— "ରଜାପୁଅ !" ତା ପରେ ହସି ଦେଇ ସେ ନିଜ କାମରେ ଚାଲିଗଲା । ରାଜପୁତ୍ର ଫେରି-ଆସିଲା ତା ଖାଉଂଦ ଘରକୁ ।

ରାଜପୁତ୍ରର ଦିନ କୌଣସି ମତେ କଟିଯାଏ । ସଖାଳୁ ତୋରାଣି କଂସାଏ ଲୁଣ ଟିକିଏ ଦେଇ ଠେଁସି ଦେଇ ସେ ପାଂଚଣ ଖଂଡ଼େ ଧରି ବାହାରେ ବିଲକୁ । ଦିନସାରା ବିଲ ମାଟିରେ ଦେହ ମିଶାଇ ସେ କାମ କରେ । କଂକାଳ ତଳୁ ପିଲେହି ମାଇଲେ କଂବା ଖେଳରେ ଆଲଜା ହୋଇ ଗଲେ ସେ ହୁଡ଼ା ଉପରେ କେତେବେଳେ କମିତି ଟିକିଏ ବସି ପଡ଼େ, କିଂତୁ ଖାଂଉଦ ତାର ଛତା ଖଂଡ଼େ ଧରି ବିଲ ପାଖ ଆଂବଗଛ ମୂଳେ ପହରା ଦେଉଥାଂତି । ଡାକରା ଆସେ "କିରେ ବସି ଗଲୁ କି ? ଖାଇମାଲୁ—କଂସାଏ ଲେଖା ତ ଭାତ ଦୁଂକରୁ—କାମ କରିବୁ କମିତ ?" ବିଲରୁ ଲେଉଟି ନୁଖୁରା ଦେହରେ ପାଣି ଟମଂଦାଏ ଢାଳି ନାକରେ କାନରେ ଅଇଁଠା ଭାତ ଗଂଡ଼ାଏ ଚୁଂଟି ଦେଇ ରାଜପୁତ୍ର ମାଇର୍ପା ମହଲର ବୋଲ ହାକ କରେ । ସାଂତାଣୀଂକ ପାନଗୁଆ ଆଣିବା ଠାରୁ ଜେମାଂଙ୍କ ଖେଲୁକୁଣୀ ତିଆରି ହେବା ପାଇଁ କୋଡ଼ରୁ ଚକଟା ମାଟି ବୋହିବା ପର୍ଯ୍ୟଂତ ସବୁ ପାଇଟି ତାକୁ ତୁଲେଇବାକୁ ପଡ଼େ ।

Digitized by PPRACHIN, SOA

ତା ପରେ ଟିକିଏ ବେଳ ନେଉଥିଲେ ସେ ପୁଣି ଯାଏ ବିଲକୁ । ସଂଜବେଳେ ହାଲିଆ ହୋଇ ଫେରି ସେ ବଳଦଂକ ପାଇଁ ଦହଡ଼ ପାଣି ବସାଏ, ଗୋରୁ ଖୁଆଏ, ଘରର ଯାବତ ପାଇଟି ପତ୍ର କରେ ।

ସକାଳୁ ସଂଜଯାଏ ଏହି ନିରାନଂଦ ଜୀବନ ଯାତ୍ରା ଭିତରେ ତାର ସୁଖର ମୁହୂର୍ତ୍ତ କେବେ ଆସିଛୁ ଏ କଥା କେହି ଜାଣେ ନାହିଁ । ନକୁଳାର ବାପା ସାହୁ ଘରୁ କରଜ ନେଇଥିବା ଟଂକା ଶୁଝି ନ ପାରି ପୁଅକୁ ପାଂଚବର୍ଷ ପାଇଁ ବିନା ଦରମାରେ ବନ୍ଧା ଦେଇଛି । ଏହି ଦୀର୍ଘ ପାଂଚ ବର୍ଷ କାଳ ମିହଂତ କରି ରାଜପୁତ୍ରକୁ ପିତୃଋଣ ଶୁଝିବାକୁ ହବ ।

ରାଜପୁତ୍ରର ଏହି ଉଦ୍‌ଘଷ୍ଟା ଜୀବନ ଭିତରେ ବେଳେ ବେଳେ ସୁଖର ସ୍ୱପ୍ନ ଜାଗି ଉଠେ । ପ୍ରତିଦିନ ସେଇ ଦୁର୍ଲଭ ମୁହୂର୍ତ୍ତଟି ପାଇଁ ରାଜପୁତ୍ର ଅପେକ୍ଷା କରିଥାଏ ।

ରୋଜ ମୁହଁସଂଜ ବେଳେ ମାଣିକ ଜାଳେଣି କାଠ ଗୋଟେଇ ଘରକୁ ଫେରେ । କାଠ ଗୋଛାକ ଘରେ ଫୋପାଡ଼ି ଦେଇ ସେ ମାଠିଆଟା ଧରି ପାଣି ଆଣିବାକୁ ଯାଏ । ରାଜପୁତ୍ର ବିଲରୁ ହଳ ନେଇ ଠିକ୍ ସେତିକି ବେଳକୁ ଫେରି ଆସେ । ପୋଖରୀ କୂଳରେ ବଳଦଂକୁ ହ କରି ଦେଇ ଗୋଡ଼ ହାତ ଧୁଏ । ତୁଠ ପଥର ଉପରେ ଛିଡ଼ା ହୋଇ ମାଣିକ ମୁରୁକି ହସି କହେ—"ରାଜପୁତ୍ରର ।"

ସେଇ କଥା ପଦକ ଶୁଣିବାପାଇଁ ସଂଜ ହେଲେ ନକୁଳାର ମନ କାମରେ ଲାଗେ ନାହିଁ । ଧର୍ଯ ବୁଡ଼ିବା ସଂଗେ ସଂଗେ ଲଂଗଳ କଂଟି ଉପରୁ ତାର ହାତ ମୁଠା ହୁଗୁଳା ପଡ଼େ । ମୁହଁସଂଜ ହବା ମାତ୍ରକେ ସେ ହଳ ଫିଟାଇ ବିଲରୁ ଫେରେ ।

ଦିନେ ଦିନେ ସାହୁକାର ଏତେ ସହଳ ହଳ ଲେଉଟାଇବାକୁ ମନାକରି ନକୁଳାର ଚଉଦପୁରୁଷ ଉଦ୍ଧାରି ଗାଳି ଦେଲେ ନକୁଳା ନାନା ଛଳ ଦେଖାଇ ସାଆଂତକୁ ବୋଧବାଧ କରେ । କେବେ କହେ "ଡାହାଣ ବଳଦକୁ ବେଂଗୀ ଧରିଛି ।" କେବେ ବା କହେ—"ସାଆଂତାଣୀଂକର ପାନଗୁଆ ନାହିଁ—ସହଳ ଯାଇ ଦୋକାନରୁ କିଣି ଆଣିବାକୁ କହିଚଂତି ।"

ସେଦିନ ସଂଜବୁଡ଼େ ଦୁଷ୍ଟାମି କରି ମାଣିକ ପଚାରିଲା—"ରାଜପୁତ୍ର ! ତୋର ରଜାଝିଅ କାହିଁ ?"

ନକୁଳା ବୋକାଂକ ଭଳି ଜବାବ ଦେଲା, "ମୁଁ ଜାଣେ ନାହିଁ ।"

ତୁଠ ପାଣିରେ ଜହ୍ନ ଆଲୁଅ ଚେକା ଚେକା ହୋଇ ଭାସୁଥିଲା । ମାଣିକ ପଚାରିଲା—"ତୁ କେଉଁଠୁ ଗୋଟାଏ ଆଣୁନାହୁଁ । ତୋ ଦହ ମୁଂଡ଼ର ହପାଜତ ନବା ପାଇଁ କିଏ ଅଛୁ ? ସବୁଦିନେ କଣ ବାଡ଼ୁଅ ଥିବୁ ?"

ମାଣିକର ମନ ବୁଝିବା ପାଇଁ ନକଲି କରି ନକୁଳା କହିଲା—"ତୁ ମୋ' ରଜାଝିଅ ହେବୁ ?"

ମାଣିକ ଟିକିଏ ହସିଦେଇ ପାଣିମାଠିଆଟା ଧରି ଦୁଲ୍ ଦୁଲ୍ ହୋଇ ଚାଲିଗଲା । ନକୁଳା ବି ତା ପଛରେ ଅକାରଣରେ ହୋ ହୋ ହୋଇ ହସି ଉଠିଲା ।

Digitized by PPRACHIN, SOA

× × ×

ନକୁଳାକୁ ଜର । ତାଡରେ ଖଇ ଫୁଟୁଛି, ସାହୁକାରଂକର ରଂଗରେ ସୀମା ନାହିଁ ।

କେତେଦିନ ହେଲା ତାଂକ କାମଦାମ ପଡ଼ିଆ ହୋଇ ପଡ଼ିଚି । ବିଲରେ ଗାର ଦିଆ ହୋଇ ନାହିଁ ।

ନକୁଳାର ଅଷ୍ଟାଂଗ ଶରୀର ବାଂଧିଛି । ହାଡ଼ଗଂଠି ଭିତରେ ଯେପରି ଗୋଟାଏ ବଡ଼ ଚେଂଗୁଲିଆ ବିଛା ପ୍ରତି ମୁହୂର୍ତ୍ତରେ ତାର ନାଉଡ଼ ମାରୁଛି । ନକୁଳା ଏକରକମ ଅଚେତା ହୋଇ ପଡ଼ିଚି । ତା ମୁହଁରେ ତୋରାଣି ଟୋପେ ଦେବାକୁ କେହି ନାହିଁ । ସାଆଂତେ କହୁଛଂତି—"ଶଳା ବେଲି କରୁଚି ।"

ଆଠଦିନ ହେଲା ମାଣିକ ପୋଖରୀ କୂଳରେ ନକୁଳାକୁ ନ ଦେଖି ଫେରି ଯାଉଚି । ତା ମନରେ ଭାରି ଦୁଃଖ, ତାର ରାଜପୁତ୍ର କାହିଁ ?

କିଛି ଦିନ ପରେ ନକୁଳା ଦେହରେ ବସଂତ ବାହାରିଲା । ପ୍ରଥମେ ଖୁବ୍ ଛୋଟ ଛୋଟ, ତାପରେ ଖୁବ୍ ବଡ଼ ଆକାରରେ ଦେଖାଦେଲା, ସାଆଂତ ସାଆଂତାଣୀ ପ୍ରମାଦ ଗଣିଲେ । ପିଲା ଛୁଆ ଘର, କେତେବେଳେ କେଉଁ କଥା ।

ଜର ଆଉ ବସଂତ କୋପରେ ନକୁଳା ଯେତେବେଳେ ଅଜ୍ଞାନ, ସେତେବେଳେ ଦିନେ ସାଆଂତେ ଆସି କହିଲେ—"ତୁ ତୋ ଘରକୁ ଚାଲିଯା, ଏଠି କିଏ ତୋର ହେପାଜତି ନେବ ? ପିଲା ଛୁଆ ଘର—କେତେବେଳେ କେଉଁ କଥା, ବୁଝିଲୁ ? ତା ପରେ ତୁ ପର ପୁଅ—କିଛି ହାନି ଲଭ ହେଲେ କିଏ ମୁଂଡ଼ାଇବ ?" ନକୁଳ ତାଂକ କଥା ଭଲ ରକମ ସମୁଜି ପାରିଲା ନାହିଁ । ସାଆଂତେ ଆଉ ଥରେ ବଡ଼ ପାଟିରେ ସବୁ କଥା କହିଦେଲେ । ଖାଲି ସେତିକି ନୁହଁ, ସେଦିନ ଦୟା ପରବଶ ହୋଇ ନକୁଳାକୁ ବାଟଖର୍ଚ୍ଚ କରିବାକୁ ଚାରିଟା ପଇସା ମଧ୍ୟ ଦେଲେ । ଦେହ ଭଲ ହୋଇଯିବା ମାତ୍ରକେ ଏଠାକୁ ଚାଲି ଆସିବାକୁ ବାରଂବାର ତାକିଦ କରି ଦେଲେ ।

ନକୁଳାର ଗାଆଁ ସେଠାରୁ ଦୁଇ କୋଶ ବାଟ । ତାର ହଲଚଲ ହେବାକୁ ଜା ନାହିଁ ।

ସଂଜବେଳେ ସାଆଂତ ଆସି ଦେଖିଲେ ଯେ ନକୁଳା ଯାଇନାହିଁ । ସେ ରାଗରେ ହତଜ୍ଞାନ ହୋଇ ନକୁଳାର ଲୁଗାପଟା ବାଡ଼ି ଖଂଡ଼ିକରେ ପିଂଡ଼ାକୁ ଫିଂଗିଦେଲେ । କାଲି ସକାଳେ ଘର ଛାଡ଼ି ନ ଗଲେ ହାଡ଼ି ଲଗାଇ ବାହାର କରିଦେବେ ବୋଲି ଶେଷ ହୁକୁମ ମଧ୍ୟ ଦେଇଗଲେ ।

ସକାଳ ହେଲା । ନକୁଳା ଘୁଷୁରି ଘୁଷୁରି ଗୁହାଳ ଘରୁ ତାର ଲୁଗାପଟା ବାଡ଼ିଖଂଡ଼ ଆଣି ଦାଂଡ଼କୁ ବାହାରିଲା । ତା ଦିହସାରା ପୂଯେଇ ଯାଇଛି । ମାଛି ଭଣ ଭଣ ହୋଇ ବେଢ଼ୁଛଂତି । ଆଜିକୁ ପଂଦର ଦିନ ହେବ ତା ପେଟରେ ଖୁଦ କଣିକାଏ ବି ପଡ଼ିନାହିଁ । କେବଳ କାଲି ରାତିରେ ସାଆଂତାଣୀ ଯେଉଁ ପଣା ଟୋପାକ ଦେଇଥିଲେ, ସେତିକି ପିଇଚି ମାତ୍ର ।

Digitized by PPRACHIN, SOA

ନକୁଲାର ମୁଣ୍ଡ ଝାଇଁ ଝାଇଁ ଡାକୁଛି । ପାଦ ଦୁଇଟା ତାର ପୂଯ ହୋଇ ଫୁଲି ଆସିଲଣି । ରାସ୍ତାର ଗୋଡ଼ା ବାଙ୍କ ପର୍ଯ୍ୟନ୍ତକୁପର୍ଯ୍ୟନ୍ତ ଚେପା ଛୁଡ଼ ଯାଉଛି ।

ଗାଁ ମୁଣ୍ଡ ତୋଟା ପାଖରେ ପହଞ୍ଚି ନକୁଲା ଆଉ ପାଦେହେଲେ ଚାଲି ପାରିଲା ନାହିଁ । ବାବଲ ଗଛ ମୂଳ ଛାଇରେ ବସି ଟିକିଏ ଦମ ମାରି ତା' ପରେ ପଛକେ ବାଟ ଚାଲିବ ।

ଗଛ ମୂଳରେ ଥରେ ବସି ସେ ଆଉ ଉଠି ପାରିଲା ନାହିଁ । ସିଅ ଉପରେ ମୁଣ୍ଡଟାକୁ ରଖି ଲଥ୍ କରି ଭୂଇଁରେ ଶୋଇପଡ଼ିଲା । ତା ଦେହର ବସନ୍ତ ଘା ଗୁଡ଼ିକ ସେତେବେଳକୁ ଖାଲ ଖାଲ ହୋଇ ଭିତରକୁ ପଶି ଯାଇଥିଲା । ହାଡ଼ ଭିତର କୋରି ହୋଇ ଯାଇଥିଲା ।

ଆଜକୁ ପନ୍ଦର ଦିନ ହେବ ମାଣିକ ତାର ରଜାପୁଅର ଦେଖା ପାଇନାହିଁ । ନିତି ପୋଖରୀ କୂଳରେ ବସି ବସି ଫେରି ଯାଉଛି । ତା ଆଖିରେ ନାଚୁଛି ତା'ର ରାଜପୁତ୍ର । ତା'ର ଗୋରା ତକ ତକ ମୁହଁ, ସୁନାର ମୁକୁଟ, ଜରି ପୋଷାକ ପିନ୍ଧା ତା' ସୁନ୍ଦର ଗୋରା ଦେହଟା ! ! ସେ ଦିନ ରାତିରେ ମାଣିକ ତାର ରାଜପୁତ୍ରକୁ ସ୍ୱପ୍ନ ଦେଖିଲା । ମାଣିକର ମନେହେଲା, ସେ ଏପରି ହଠାତ୍ ରଜାଝିଅ ପାଲଟି ଯାଇଛି । ତାର ରଜାପୁଅ ସେ ଉଦ୍ଧାର କରିବାକୁ ଆସି ସିପାହି-ସର୍ଦ୍ଦାର ହାବୁଡ଼ରେ ପଡ଼ିଲା ରଜାଘର ଫଉଜ ଆଁ କରି ତାକୁ ଗିଳି ଦେବାକୁ ଧାଇଁ ଆସିଲା । ମାଣିକର ଚାଉଁକରି ନିଦ ଭାଜିଗଲା ।

ସକାଳ ହେଲା । ମାଣିକ ଜାଳେଣିକାଠ ଗୋଟାଇବାକୁ ତୋଟା ଆଡ଼େ ବାହାରିଲା । କାଠ ଗୋଟାଉ ଗୋଟାଉ ଦେଖିଲା, ଗୋଟାଏ ଜାଗାରେ ପଲ ପଲ ହୋଇ କାଉ ବେଢ଼ିଛନ୍ତି । କେମିତି ଗୋଟାଏ ପଚା ଅଁଇଛିଣିଆ ଗନ୍ଧ ଭାସି ଆସୁଛି ।

ମାଣିକ ସେଇ ବୁଦା ମୂଳକୁ ଯାଇ ଦେଖିଲା ଗୋଟାଏ ମଣିଷର ଦେହ । ମଣିଷଟା ବଞ୍ଚିଛି, ଜୁଳୁଜୁଳୁ କରି ଗୋଟାଏ ଆଖିରେ ଚାହୁଁଛି । ତାର ମୁହଁଟାଯାକ ଘାରେ ପଚି ଯାଇଛି । ଦେହଟା ପୂଯେଇ ଯାଇ ଭାରି ଦୁର୍ଗନ୍ଧ ହେଉଛି । କାଉ ତାର ଗୋଟାଏ ଆଖି ତାଡ଼ି ଦେଇଛନ୍ତି ଆଉ ଡେଣାର ଗୋଟାଏ ମାଉଁସିଆ ଅଂଶକୁ ଖୁମ୍ପି ଖୁମ୍ପି ଖାଇ ପକାଇଛନ୍ତି ।

ଭୟରେ ମାଣିକ ଥକା ମାରିଗଲା । ସେ ମଣିଷଟାକୁ ଚିହ୍ନିବାକୁ ଚେଷ୍ଟା କଲା, ପ୍ରଥମେ ପାରିଲା ନାହିଁ । ତା ପରେ ଦୋ'ଦୋ ଚିହ୍ନା ହେଲା । ତାପରେ ସେ ଯେତେବେଳେ ଚିହ୍ନିଲା ସେ ଆଶ୍ଚର୍ଯ୍ୟ ହୋଇ କଥା କହି ପାରିଲା ନାହିଁ । କିଛିକ୍ଷଣ ପରେ କ୍ଷୀଣ ସ୍ୱରରେ ଉଚ୍ଚାରଣ କଲା 'ରଜାପୁଅ' !

ରାଜପୁତ୍ରର ଅନ୍ୟ ଆଖିଟା ଏହି ସମୟରେ କାଉ ଖୋଳି ପକାଇଲେ । କୌଣସି ଜବାବ ଦେଇ ପାରିଲା ନାହିଁ ।

Digitized by PPRACHIN, SOA

ରିକ୍ସାବାଲା

ଇ. ଆଇ. ଆର୍‌ର ସମୟ-ନିର୍ଘଣ୍ଟ ମୁତାବକ ଡେରାଡ଼ୁନ ଏକସ୍‌ପ୍ରେସ୍ ଭୋର ସାଢ଼େ ଛଅଟାରେ ହାଭୃଡ଼ା ଷ୍ଟେସନରେ ପହଂଚିବା କଥା ଥିଲେ ମଧ୍ଯ ସେ ଦିନ ଗାଡ଼ିଟା ପହଂଚିଲା ପ୍ରାୟ ସତସ୍ତରିଶ ମିନିଟ୍ ଡେରିରେ । ସାରା ରାତିଟାଯାକ ଆମେ ତୃତୀୟ ଶ୍ରେଣୀର ଯାତ୍ରୀ କେତେ-ଜଣ ବର୍ଷା ଛିଟାରେ ଅଧେ ଓଦା ହୋଇ ଯାଇଥିଲୁଁ । ଆମର ଏହି ଦୁରବସ୍ଥା ପାଇଁ ପଂଜି-କାରଂକ "ଅଯାତ୍ରା" ଯେତେ ଦାୟୀ ନୁହେଁ, ତେତେ ଦାୟୀ ଆମ ଗ୍ରେଟ ବଖରାଟିର ଭଂଗା ଝରକାଟା । ରାତିଟାଯାକ ଆମର ସମ୍ମିଳିତ ଇଂଜିନିଅରିଂ ବୁଦ୍ଧିର ପରିଚାଳନାସତ୍ତ୍ୱେ ଆମେ ସେହି ଫଟା ଝରକାଟାକୁ କୌଣସିମତେ ସଜାଡ଼ି ପାରିଲୁ ନାହିଁ । ସକାଳୁ ଓଦା ଚୁଡ଼ୁବୁଡ଼ୁ ହୋଇ ନିଜ ନିଜର ସୁଟକେଶଖଂଡ଼ମାନଂକୁ ଧରି ଯେତେବେଳେ ଗାଡ଼ିରୁ ଓହ୍ଲାଇଲୁ, ସେତେବେଳେ ଆମ ଅବସ୍ଥା ଏପରି କରୁଣାତ୍ମକ ହୋଇ ପଡ଼ିଥିଲା ଯେ, ଆମେ ଆମ ଚତୁଃପର୍ଶ୍ୱେ ବୃତ୍ତାକାରରେ ବେଢ଼ିଥିବା ଘୋଡ଼ାଗାଡ଼ି ବାଲାମାନଂକ ବ୍ୟୂହ ଭେଦ କରିବାକୁ ମଧ୍ଯ ସମର୍ଥ ହୋଇ ପାରିଲୁଁ ନାହିଁ । ଅସହାୟ ଅବସ୍ଥାରେ ଖଂଡ଼େ ଫିଟନ ଗାଡ଼ି ସଂଗେ ଦରଦାମ ଚୁଂଡ଼ାଉଛୁ, ଠିକ୍ ଏହିପରି ସମୟରେ ମୋ ଆଖିରେ ପଡ଼ିଲା ଯୋଡ଼ାଏ ଅସହାୟ ଓ ସ୍ତିମିତ ଆଖି । ମୁଁ ସେହି ଗଭୀର ଆଖି ଦୁଇଟାର ଅଧିକାଂଶ ଆଡ଼କୁ ଚାହିଁବାମାତ୍ରକେ ସେ କ୍ଳାନ୍ତ କଂଠରେ ପଚାରି ଉଠିଲା—"ବାବୁ, ରିକ୍ସା ?"

ମୁଁ ତାକୁ କୌଣସି ଠିକ୍ ଜବାବ ଦେବା ଆଗରୁ ସେ ଆସି ମୋ ହାତରୁ ସୁଟକେଶ ଖଂଡ଼ିକ ଛଡ଼ାଇ ନେଇ ତା ରିକ୍ସାରେ ଲଦିଲା । ମୁଁ କେବଳ ଅନନ୍ୟୋପାୟ ହୋଇ ତାକୁ ଅନୁସରଣ କରିବାକୁ ଲାଗିଲି ।

କଲିକତାର ଯାନବହୁଳ ରାସ୍ତାରେ ରିକ୍ସାରେ ଯିବା ଆଦୌ ବିପଦଶୂନ୍ୟ ନୁହେଁ । ତାପରେ ପୁଣି ସେହି ରିକ୍ସାଗାଡ଼ିର ଅବସ୍ଥା, ଆଉ ରିକ୍ସାବାଲାର ଅପ୍ରତିଭ ଭାବଭଂଗୀ ମୋତେ ଜମା ତା ଉପରେ ନିର୍ଭରଶୀଳ କରାଇ ଦେଲାନାହିଁ ।

ଗାଡ଼ିଖଂଡ଼ିକର ଅବସ୍ଥା ଏପରି ଯେ, ତାହା ସାମାନ୍ୟ ଝିକିଏ ଆଘାତରେ ମଧ୍ଯ ଭାଂଗି ପଡ଼ିବ, ରିକ୍ସାବାଲାଟା ମଧ୍ଯ ତଦ୍ରୂପ । ତାର ଅଦଢ଼ ଗ୍ରେଟାଗୋଡ଼ ଦୁଇଟା ତାର କ୍ଷୀଣ ଦେହର ଓଜନ ବୋହିବାକୁ ଅକ୍ଷମ । ତା ଆଖି କଣର ମାଂସପେଶୀ ଅପ୍ରଚୁର ନିଦ୍ରାରେ ଫୁଲି ଉଠିଚି । ସକାଳୁ ମୁହଁ ଧୋଇ ନଥିବା ହେତୁ ମୁହଁରୁ ତାର ଇମିତିକା ଭଣଭଣ ସରାପ ଗଂଧ

Digitized by PPRACHIN, SOA

ବାହାରୁଚ ଯେ, ଖୁବ୍ ସ୍ୱକାରସ୍ଥାନ ଲୋକର ମଧ୍ଯ ବମନୋଦ୍ରେକ ହେବା କଥା । ତାର ଅପରି-ଷ୍କାର ଦାଂତ ଗୁଡ଼ାକ ଏପରି କଦର୍ଯ୍ୟ ଯେ, ତା ସହିତ ଦର ଦସ୍ତୁର କରିବା ପାଇଁ ଯେଉଁ ସଂକ୍ଷିପ୍ତ ଅଥଚ ରୂଢ଼ କଥାବାର୍ତ୍ତା କରିବା ଦରକାର, ତାହା ମଧ୍ଯ କରିବା ପାଇଁ ମୋର ରୁଚି ହେଉ ନଥିଲା ।

ମୁଁ ମୋର ସୁଟ୍‌କେଶ୍ ଖଂଡ଼କ ତା ଗାଡ଼ିରୁ ଉଠାଇ ଆଣି ଅନ୍ୟ ଗାଡ଼ିରେ ରଖିବାକୁ ଯାଉଥିଲି; କିଂତୁ ଦୃଢ଼ଭାବରେ ହାତ କବ୍‌ଜା ରଗଡ଼ି ଦେଇ ମୋତେ ବାଧା ଦେଲା । ତାର ବଚଳତାର ପୀଡ଼ନରୁ ଆତ୍ମରକ୍ଷା କରିବାପାଇଁ ମୁଁ ତାକୁ ଧମକ ଦେବାକୁ ଚେଷ୍ଟାକଲି, କିଂତୁ ସେ ତତୋଧିକ ଜୋରରେ ମୋ ଧମକର ଜବାବ ଦେଲା ଏବଂ କୌଣସିମତେ ମୋତେ ସୁଟକେଶ୍ ଖଂଡ଼କ ଉଠାଇ ନେବାକୁ ଦେଲାନାହିଁ । ତାର ନଛୋଡ଼ବାଂଦା ଜୁଲୁମର ପ୍ରତିକାର କରିବା ପାଇଁ ମୁଁ ନିକଟସ୍ଥ ପହରାବାଲାର ସାହାଯ୍ୟ ନେଇ ପାରିଥାଂତି; କିଂତୁ କାଲି ରାତିର ଦୁର୍ଯୋଗ, ଆଉ ବଡ଼ ଅଂଧାରର ଧୂଆଁ, ଆଉ କୋଇଲା ମିଶା କଲିକତା ବାୟୁମଂଡ଼ଳର ପ୍ରଭାବ ମୋ ମନଉପରେ କିପରି ଗୋଟାଏ ପ୍ରତିକ୍ରିୟା ସୃଷ୍ଟି କରିଥିଲା ।

ମୁଁ କିଛି ଗୋଳମାଳ ନକରି ତା ରିକ୍‌ସା ଉପରେ ଯାଇ ବସି ପଡ଼ିଲି, ଆଉ ତାକୁ ଖୁବ୍ ବିରକ୍ତ ହୋଇ ହୁକୁମ ଦେଲି—"ଚଲାଓ ।"

ଗଂଗା କୂଳପଟେ ଚଟକଲରୁ ଧୂଆଁ ବାହାରି ଆକାଶଟାକୁ ମଇଳା କରି ରଖିଛି । ଅସଂଖ୍ୟ ଜାହାଜର ଭଯ୍ୟାର୍ତ୍ତ ବଂଶୀ ବେଳେ ବେଳେ ଶୁଣା ଯାଉଚି । ହାଓଡ଼ା ପୋଲ ଉପରେ ମଇଳା କୁର୍ତ୍ତା, ଆଉ ଲୁଂଗି ପରିହିତ ଶହ ଶହ ହିଂଦୁ ଆଉ ମୁସଲମାନ କୁଲି ଝଂଡ଼େ ଝଂଡ଼େ ବଡ଼ ଯାକ ନିଜ ନିଜ କାମରେ ଚାଲିଛଂତି । ମଝିରେ ମଝିରେ ପ୍ରକାଂଡ଼ ବାସ୍‌ଭାରରେ ସମସ୍ତ ପୋଲ୍‌ଟା ଦୁଲୁ ଦୁଲୁ ହୋଇ ଦୁଲୁକି ଉଠୁଚି । ଧାଡ଼ି ଧାଡ଼ି ଟାକ୍‌ସି, ମୋଟର, ଆଉ ଘୋଡ଼ାଗାଡ଼ି ମଝିରେ ଏହି କ୍ଷୁଦ୍ର ରିକ୍‌ସା ଖଂଡ଼କ ଯେ କେତେବେଳେ ହଜିଗଲା, ତାହା ଆମେ କେହିହେଲେ ଖିଆଲ କରି ପାରିଲୁ ନାହିଁ । ପୋଲ୍‌ଟା ପାରିହେବାପରେ ଦେଖାଗଲା, ରିକ୍‌ସା-ବାଲା କ୍ରମେ କ୍ରମେ ପ୍ରକୃତିସ୍ଥ ହୋଇ ଆସୁଛି । ତାର ନିଶାଖୋର ଭାବ କଟି ଯାଇ ତା ବଦଳରେ ଗୋଟାଏ ସପ୍ରତିଭ ସାମାଜିକ ଭଂଗୀ ଫୁଟି ଉଠିଲା । ସେ ମୋ ସଂଗେ ଗଳ୍ପ ଜମାଇବାକୁ ଆରଂଭ କଲା ।

ତାର ଗପ କେତେଗୁଡ଼ାଏ ନାଲିଶ ଛଡ଼ା ଅନ୍ୟ କିଛି ନୁହେଁ । ଗୋଟାଏ ତାଜା ଗପ ଶୁଣିବା ଲୋଭରେ ଯେଉଁମାନେ ସେହି ଭାରିକାଂତ ଗଳ୍ପ-କଥକଟିର ଶ୍ରୋତା ହେବାକୁ ସ୍ୱୀକୃତ ହେବେ, ସେମାନେ ନିଶ୍ଚୟ ହତାଶ ହେବେ, କିଂତୁ ଶ୍ରୋତା ହେବାର ଉଚ୍ଚାଭିଳାଷ ମୋର ଜମା ନଥିଲା । ମୁଁ କେବଳ ଅନ୍ୟମନସ୍କ ଭାବରେ ତା କଥା ମଝିରେ ହୁଁ ହାଁ କରି ମୋର ଅବଧାନତା ପ୍ରମାଣ କରିବାକୁ ଚେଷ୍ଟା କରୁଥିଲି ।

Digitized by PPRACHIN, SOA

ପ୍ରଥମେ ସେ ଆରଂଭ କଲା—ରିକ୍ସା ଭଡ଼ା କଥା । ଛଅଅଣାରୁ ଗୋଟାଏ ପଇସା ବି ସେ କମ୍ ଭଡ଼ା ନିଏ ନାହିଁ । ଏହା କହିବା ଦ୍ୱାରା ସେ ମୋତେ ଇଙ୍ଗିତରେ ଜଣାଇ ଦେଲା ଯେ, ମୁଁ ମଧ୍ୟ ତାକୁ ସେହି ଭଡ଼ା ଦେବାକୁ ବାଧ୍ୟ ।

ତା ପରେ ସେ କହିଲା, ଏ ବ୍ୟବସାୟରୁ ପଇସାଟାଏ ବି କୁଆଡ଼େ ଲାଭ ହୁଏ ନାହିଁ । ଦିନକୁ ତାର ଟଂକାକଠାରୁ ଦେଢ଼ଟଂକା ଭିତରେ ହାରାହାରି ରୋଜଗାର ହୁଏ; କିଂତୁ ତାର ମାଲିକ ରିକ୍ସା ବାବଦକୁ ବାରଅଣା ପଇସା ରୋଜ କାଟି ନିଅଂତି । ତାର ମଜୁରି ଦିନକୁ ଅଠଅଣା ପଡ଼େ କି ନାହିଁ ସଂଦେହ ।

ଏହାପରେ ସେ ପାରିବାରିକ ଘଟଣା ପ୍ରସଂଗରେ ଯାହା କହିଲା, 'ତାର ସାରାଂଶ ହେଉଛି ଏଇ—ତାର ପିଲାପିଲି ଅନେକ । ତାର ସେହି ସ୍ୱଳ୍ପ ମଜୁରି ସେମାନଂକ ମୁହଁରେ ଆହାର ଯୋଗାଇବାକୁ ଯଥେଷ୍ଟ ହୁଏନାହିଁ । ସ୍ତ୍ରୀକୁ ତାର କୁଆଡ଼େ ଯକ୍ଷ୍ମା । ହାସପାତାଲରେ ଛାଡ଼ିଦେଲେ ଘରେ ରୋଷାଇ ବାସ କରିବାକୁ ଓ ପିଲାମାନଂକ ଖବର ବୁଝିବାକୁ କେହି ନାହିଁ ବୋଲି ସେ ତାକୁ ଘରେ ରଖିଛି । ତଥାପି ସେ ତାର ଚିକିତ୍ସାରେ ତ୍ରୁଟି କରିନାହିଁ । ତିନିଟଂକା ଦାମର ଗୋଟାଏ ଡେଉଁରିଆ କିଣି ଆଣି ତାକୁ ଦେଇଛି । ସ୍ତ୍ରୀର ଜୀବନକୁ ଏ ଦୁନିଆରେ କାହାର ଲୋଭନାହିଁ ?

× × × ×

ଏହିପରି ଭାବରେ ସେ ହରଦମ୍ ଗପି ଚାଲିଥାଏ । ରାସ୍ତାଗୁଡ଼ାକ ବଡ଼ ଖସଡ଼ା ହୋଇଥାଏ । ସକାଳୁ ସମସ୍ତ ରାସ୍ତା ଉପରେ ବୋଧହୁଏ ପାଇପ୍ ଫିଟାଇ ଦିଆ ହୋଇଥିଲା—ଏ ପର୍ଯ୍ୟଂତ ପାଣି ଶୁଖିନାହିଁ । ସେ ପିଚ୍ଛିଳ ପିଚ୍ ରାସ୍ତା ଉପରେ ଘୋଡ଼ାଗୁହ ଓ ମନୁଷ୍ୟ ପଦର ଧୂଳି ମିଶି ଏପରି ଚକଟା ହୋଇଛି ଯେ ପଦେ ପଦେ ଗୋଡ଼ ଖସଡ଼ି ଯିବାର ଆଶଂକା ରହିଛି । ମୋର ତ ବଡ଼ ଭୟ ହୋଇ ଯାଇଥିଲା ଯେ, କାଳେ ରିକ୍ସା ସୁଦ୍ଧା ଆମେ ସମସ୍ତେ କୌଣସି ଏକ ପ୍ରକାଂଡ଼କାୟ ବାସ୍ ତଳେ ମିଳେଇ ଯିବୁଁ ।

କିଛିକ୍ଷଣ ପରେ ଦେଖାଗଲା ଷ୍ଟ୍ରାଂଡ଼ରୋଡ ପାଖରେ ଯେଉଁଠି ବଡ଼ବଜାର ଟ୍ରାମ-ଲାଇନ ବଂକେଇ ହୋଇ ଚାଲି ଯାଇଛି, ସେଇଆଡ଼ୁ ଜଣେ ଆଂଗ୍ଲୋଇଂଡ଼ିଆନ୍ ଆରୋହୀ ଧରି ଗୋଟାଏ ଟାକ୍ସି ଖୁବ୍ ଜୋରରେ ଛୁଟି ଆସିଲା । ରାସ୍ତାର ପାଣି ଗୁଡ଼ାକୁ ତାହା ଏତେ ଜୋରରେ ଚବକାଇ ଦେଇଗଲା ଯେ, ମୋର ଲୁଗାପଟା ମଧ୍ୟ ତହିଁରୁ ନିସ୍ତାର ପାଇଲା ନାଇ । ବୁଂଦାଏ ପାଣି ଛିଟିକି ଆସି ବୋଧହୁଏ ରହିମ୍‌ର (ରିକ୍ସା ବାଲାର ନାମବୋଲି ଇଆ ଭିତରେ ସଂଗ୍ରହ କରି ସାରିଥିଲି) ଆଖିରେ ପଡ଼ି ତାକୁ କିଛିକ୍ଷଣ ପର୍ଯ୍ୟଂତ ଅଂଧ କରି ଦେଇଗଲା । ସେ ଗୋଟାଏ ହାତରେ ଗାଡ଼ିର ବେଗ ସଂଭାଳି ଅନ୍ୟହାତରେ ଆଖି ପୋଛିବାକୁ ଯାଉଥିଲା, କିଂତୁ ସେ ବେଗର କ୍ଷିପ୍ରତା ତାକୁ ଏତେଦୂର ଟଳମଳ କରିଦେଲା ଯେ, ସମଗ୍ର ରିକ୍ସାଟା ଟ୍ରାମ ଲାଇନରେ ଠୋକର ଖାଇ ଦୋହଲିଗଲା । ରହିମ୍ ଗାଡ଼ି ଓ ତାର ଆରୋହୀକୁ

Digitized by PPRACHIN, SOA

ଯଥା ସମ୍ଭବ ରକ୍ଷା କରିବାକୁ ଚେଷ୍ଟା କଲା, କିନ୍ତୁ ଫଳ କିଛି ହେଲାନାହିଁ । ସେ ଫୁଟପାଥ ଉପରେ ଯାଇଁ ଛିଟିହୋଇ ଦୁମ୍‌କିନା ପଡ଼ିଲା । ଭାଗ୍ୟକୁ ରିକ୍ସା ଓ ମୁଁ କୌଣସିପ୍ରକାରେ ବର୍ତ୍ତିଗଲୁଁ ।

ରହିମ୍‌କୁ ପଡ଼ିଥିବାର ଦେଖି ରାସ୍ତାଯାକର ଲୋକେ ଖେଁ ଖେଁ ହୋଇ ହସି ଉଠିଲେ । କେହି କେହି ଦୋକାନଦାର ସେମାନଙ୍କ ଦୋକାନ ଉପରୁ ଉଠିଆସି ମୁରବିଙ୍କ ଭଳିଆ ମୋତେ ତାକୁ ଭଡ଼ା ନ ଦେଇ ଅନ୍ୟ ଗାଡ଼ି କରିବାଲାଗି ମଧ୍ୟ ଅଯାଚିତ ଭାବରେ ଉପଦେଶ ଦେଇଗଲେ । ରହିମ୍ ବିଚରା ସିମିତ ଫୁଟପାଥରେ କାଦୁଅ ଲଟପଟ ହୋଇ ପଡ଼ିଥାଏ । ତା'ର ପାଟିରୁ କଳେ ଛେପ ବାହାରି ପଡ଼ୁଥିଲା, ଜିଭଟା ବୋଧହୁଏ ତାର ଜୋରରେ କାମୁଡ଼ି ହୋଇ ଯାଇଥିଲା ନା କଣ । କାହିଁକି ନା ସେ ଛେପ ପକାଇଲା ବେଳେ ମୁଁ ରକ୍ତ ଦେଖି ପାରିଥିଲି । ରାସ୍ତା ପାଖରେ ଜଣେ ସିପାହୀ ବୁଲବୁଲ କରୁଥିଲେ । ସେ ଦଉଡ଼ିଆସି ରିକ୍ସା ଗାଡ଼ିର ନଂବର ଲେଖିନେଲେ ଓ ରହିମ୍‌କୁ ଥାନାରେ ଚାଲାନ ଦେବାଲାଗି ତଡ଼ବଡ଼ କଲେ । ରହିମ୍ ବିଚରା ଏତେ ହତବୁଦ୍ଧି ହୋଇ ଯାଇଥିଲା ଯେ, ସେ ତାର କ୍ଷତର ଜ୍ୱାଳା ପାସୋରି ପକାଇଲା । ସେ ସିପାହିର ଗୋଡ଼ ହାତ ଧରି ତାକୁ ଅଂଟା ଖୋସା ଦେଇ ତେବେ ଯାଇ ତା କବଳରୁ ନିସ୍ତାର ପାଇଲା । ତା ପରେ ପୁଣି ସେ ଗାଡ଼ି ଟାଣିବାକୁ ଆସିଲା । ମୋର କିନ୍ତୁ ଆଉ ତା ଗାଡ଼ିରେ ଯିବାକୁ ଜମା ସାହସ ହେଉ ନଥିଲା । ତା ପରେ ରାସ୍ତା ମଝିରେ ଇମିତି ହାସ୍ୟାସ୍ପଦ ହୋଇ ମୋ' ମନ ଏତେଦୂର ବିଗିଡ଼ି ଯାଇଥିଲା ଯେ, ମୁଁ ସବୁ ଦୋଷ ତାରି ଉପରେ ଲଦିଦେଇ ତାକୁ ଖାଲି ମନଇଚ୍ଛା ଗାଳି ଦେବାକୁ ଲାଗିଲି । ଏଥର କିନ୍ତୁ ସେ ପାଟି ଫାଳକ ଉଫାଳ କଲାନାହିଁ । ଅପରାଧୀଙ୍କ ପରି ସବୁ ଚୁପ୍ ହୋଇ ସହି ନେଲା । ତା ପରେ ମୋତେ ବାରଂବାର ଆଶ୍ୱାସନା ଦେବାକୁ ଲାଗିଲା ଯେ, ଆଉ ଏପରି ଦୁର୍ଘଟଣା ରାସ୍ତାରେ କଦାପି ଘଟିବନାହିଁ । ଏଥରକ ତାର କସୁର ହୋଇ ଯାଇଛି । ଇମିତିକା ଘଟଣା ତା ଜୀବନରେ ଏହି ଥରକ ଛଡ଼ା ଆଉ କେବେ ଘଟି ନଥିଲା, କି ଆଉ ଏଣିକି ଘଟିବ ନାହିଁ ବୋଲି ମଧ୍ୟ ସେ ପ୍ରକାଶ କଲା ।

ମୁଁ କିନ୍ତୁ ନଛୋଡ଼ବନ୍ଦା । ମଣିଷର ଜୀବନଟାକୁ ତ ପୁଣି ଆଗେ 'ହାତର ପାଂଚ' ରଖିବାକୁ ହେବ । ରହିମ୍ ଆଉ ମୋତେ ବାରଂବାର ସଲାମ କରିବାକୁ ଲାଗିଲା । ତା ଭାବ-ଭଙ୍ଗୀରୁ ଏଇଆ ପ୍ରକାଶ ପାଇଲା ଯେ, ସେ ତାର ଆଜିର ପ୍ରଥମ ଆରୋହୀକୁ ହାତଛଡ଼ା କରିବାକୁ ଚାହେଁନାହିଁ ।

ତା କୁର୍ଣିସ୍‌ରେ ଭୁଲିଯାଇ ମୁଁ ପୁଣି ତା ଗାଡ଼ିରେ ଯିବାପାଇଁ ସମ୍ମତ ହେଲି । ତାକୁ ଏଥର ଆହୁରି ହୁସିଆରି ହୋଇ ଗାଡ଼ି ଟାଣିବାକୁ ହୁକୁମ ଦେଇ ମୁଁ ଖଂଡେ ସିଗାରେଟ ଲଗାଇ ଗାଡ଼ିରେ ଉଠି ପଡ଼ିଲି ।

କିଛିଦୂର ଯାଇ ରହିମ୍ କହିଲା, ଦୁଇବର୍ଷ ତଳେ ଆହୁରି ଥରେ ଇମିତିକା ଘଟଣା ଘଟିଥିଲା । ସେଥର ବଡ଼ ବଜାର ମୋଡ଼ରେ ସେ ଖୁବ୍ ଜୋରରେ ଗାଡ଼ିଟାକୁ ବଂକେଇବାକୁ

Digitized by PPRACHIN, SOA

ଗଲାବେଳେ ଗାଡ଼ିର ଅଖଟା ଦୁଇଖଣ୍ଡ ହୋଇ ଛିଡ଼ି ପଡ଼ିଥିଲା । ତାର ମାଲିକ ଗାଡ଼ିର ଦାମ ବାବଦକୁ ତା ଉପରେ ଶହେ ଟଙ୍କାରେ ନାଲିଶ କଲେ । ଗାଡ଼ିର ଆରୋହୀ ତାକୁ ଯୋଗୁ ଖୋଲି ବାଡ଼େଇଲେ । ସେ ନାଲିଶ ଦାଉରୁ ରକ୍ଷା ପାଇବା ପାଇଁ ତା' ସ୍ତ୍ରୀର ଗହଣା ବିକି ମାଲିକଙ୍କୁ କିଛି ଟଙ୍କା ଦେଇ ବାକି ଟଙ୍କା ପ୍ରତିମାସରେ ଅଳ୍ପେ ଅଳ୍ପେ ଦେବ ବୋଲି ଟିପ ଲଗାଇଦେଇ ଖଣ୍ଡେ କାଗଜ କରିଦେଲା । ଆଜିପର୍ଯ୍ୟନ୍ତ ବି ସେ ତାର ପୂର୍ବ ରିକ୍ସାର ଦେଣାରୁ ପୂରା ଅବ୍ୟାହତି ପାଇନାହିଁ । ତାପରେ ସେ ମାନିଲା ଯେ, କାଲି ରାତିରେ ସେ କିଛି ଖାଇ ନ ଥିବା ହେତୁ ଆଜି ଏପରି ହେଲା ! କାଲି ରାତିରେ ସେ ଯାହା ମଜୁରି ପାଇଥିଲା, ସବୁ ସରାପ ପିଇ ଉଡ଼ାଇ ଦେଇଛି । ହାତରେ ଗୋଟିଏ ବଳକା ପଇସା ନଥିବାରୁ ସେ ସ୍ତ୍ରୀଠୁ ଗାଳି ଖାଇବା ଭୟରେ ଘରକୁ ଯାଇନାହିଁ, କି ଭାତ ଖାଇନାହିଁ, ଉପାସ ଭୋକରେ ଷ୍ଟେସନରେ ପଡ଼ି ରହିଛି । ମୋଟ ଉପରେ ସେ ପ୍ରମାଣ କରିବାକୁ ଚାହୁଁଥିଲା ଯେ, ସେ ଜଣେ ପକ୍କା ରିକ୍ସାବାଲା । ଏହିସବୁ ଆନୁଷଙ୍ଗିକ ଦୁର୍ଯୋଗର ଦୋହାଇ ଦେଇ ସେ ନିଜ ତ୍ରୁଟି ଲୁଚାଇବାକୁ ଚେଷ୍ଟା କରୁଥିଲା ।

ତା କଥା ଶୁଣି ମୋତେ କାହିଁକି ଖୁବ ହସ ମାଡ଼ିଲା । ଯେଉଁ ଲୋକ ଦଶ ମିନିଟ୍ ଆଗରୁ କହୁଥିଲା ଯେ, ତା ଜୀବନରେ ଏପରି ଦୁର୍ଘଟଣା ଏହି ପ୍ରଥମ ଥର ପାଇଁ ଘଟିଲା, ତା ମୁହଁରୁ ପୁଣି ଇମିତିକା ସ୍ୱୀକାରୋକ୍ତି ଶୁଣି ତାର ଧୃଷ୍ଟତା ମୋ ଆଖିରେ ଖୁବ୍ ବଡ଼ହୋଇ ଦେଖାଦେଲା । ମୁଁ ତାକୁ ଧମକ ଦେଇ ଆହୁରି ଜୋରରେ ଗାଡ଼ି ଟାଣିବାକୁ ହୁକୁମ ଦେଲି । ମୋ ରାଗ ଦେଖି ସେ କେବଳ ବୋକାଙ୍କ ଭଳିଆ ହେଁ ହେଁ ହୋଇ ହସିବାକୁ ଲାଗିଲା ।

ପ୍ରକୃତରେ ଏଥରକ ମୋତେ ଖୁସି କରିବା ପାଇଁ ସେ ଖୁବ୍ ଜୋରରେ ଦଉଡ଼ିଲା-ବେଳେ ତା ପିଠିର ହାଡ଼ଗୁଡ଼ାକ ଅଦ୍ଭୁତ ଧରଣରେ ଉଠୁଥିଲେ ପଡ଼ୁଥିଲେ ।

ଅଳ୍ପ ଦୂର ନ ଯାଉଣୁ ସେ ନିଜର ଅସ୍ଥିର ପଦକୁ ସଂଭାଳି ନପାରି ଗୋଟାଏ ମଇଁଷି ଗାଡ଼ିରେ ଧକ୍କା ଲଗାଇଲା । ଫଳରେ ଏଇଆ ହେଲା ଯେ, ଗାଡ଼ିବାଲା ତାର ପଂକ୍ତି ଛଡ଼ାଇ ନେଲା । ମୋର ଏତେ ରାଗ ହୋଇଥିଲା ଯେ, ମୁଁ ତାକୁ ପୁଲିସରେ ଦେବାକୁ ବାହାରିଥିଲି । ରହିମ୍ ଏଥର ସବୁ ଦୋଷ ମଇଁଷି ଗାଡ଼ି ଉପରେ ଲଦିଦେଇ ନିଜକୁ ନିର୍ଦୋଷ ସାବ୍ୟସ୍ତ କରିବାକୁ ଲାଗିଲା । କୌଣସିମତେ ସେ ମାନିଲା ନାହିଁ ଯେ, ତା ନିଜ ଦୋଷରୁ ଧକ୍କା ଲାଗିଛି । ଲୋକଟାର ନିର୍ଲଜ୍ଜ ମିଛକଥା ଶୁଣି ମୋର ହାଡ଼ ଆହୁରି ଜଳି ଉଠିଲା ।

ଏହିସମୟରେ ପଛରୁ ଆହୁରି ଖଣ୍ଡେ ଖାଲି ରିକ୍ସା ଆସି ପହଂଚିଲା । ଏ ଗାଡ଼ିର ଚାଳକ କାହିଁକି ରହିମ୍‌ର ଦୋସ୍ତ । ସେ ରହିମ୍‌ର ଅବସ୍ଥା ଦେଖି ହୋ, ହୋ, ହୋଇ ହସି ଉଠି କହିଲା—"ଶଳା ବେଇମାନ, ଠିକ୍ ହୋଇଛି ।" ତାପରେ ମୋତେ ଏମିତି ବିପଦରେ ପକାଇଥିବା ହେତୁ ସେ ରହିମ୍‌କୁ ବେଇଜ୍ଜତ କରି ଗାଳି ଦେଇ ମୋର ସହାନୁଭୂତି ଆକର୍ଷଣ କରିବାକୁ ଚେଷ୍ଟା କଲା ! ମୁଁ ରହିମ୍ ଉପରେ ଏତେ ଖପା ହୋଇ ଯାଇଥିଲି

Digitized by PPRACHIN, SOA

ଯେ, ମୋର ବାହ୍ୟଜ୍ଞାନ ମଧ୍ୟ ଲୋପ ପାଇଥିଲା । ମୁଁ ତତ୍‌କ୍ଷଣାତ୍ ତା ରିକ୍‌ସାରୁ ମୋର ଜିନିଷପତ୍ର ଉଠାଇ ଆଣି ବନ୍ଦ ଗାଡ଼ିରେ ଲଦିବା ପାଇଁ ବନୁକୁ ଆଦେଶ ଦେଲି । ବନୁ ମୋ ପାଖରୁ କଥା ନ ସରୁଣୁ ଦଉଡ଼ିଯାଇ ରହିମ୍ ଗାଡ଼ିରୁ ମୋ ଜିନିଷପତ୍ର ଉଠାଇ ଆଣିଲା । ରହିମ୍ ପ୍ରଥମେ ବାଧା ଦେଲା । କିନ୍ତୁ ବନୁର ଗୋଟାଏ ଘୁଷିରେ ଥଣ୍ଡା ହୋଇ ସେ ବାଟ ଛାଡ଼ିଦେଲା । ବନୁ ମୋତେ ରିକ୍‌ସାରେ ବସାଇ ଗାଡ଼ି ଟାଣିବାକୁ ଯାଉଛି, ଠିକ୍ ଏହି ସମୟରେ ରହିମ୍ ପୁଣି ଆସି ତା'ର ହାକିମଙ୍କୁ ନେଇଯାଉଥିବା ଅପରାଧରେ ବନୁକୁ ପଛରୁ ଆକ୍ରମଣ କଲା । ଅକଥ୍ୟ ଭାଷାରେ ଦୁହେଁ ଦୁହିଁଙ୍କ ଗାଳିଦେବାକୁ ଲାଗିଲେ । ବନୁର ଦୁଇ ଗୁରଟା ବାଧା ରହିମ୍ ପକ୍ଷରେ ଯଥେଷ୍ଟ ହେଲା । ସେ ବନୁକୁ ଛାଡ଼ି ମୋତେ ଆକ୍ରମଣ କରିବାକୁ ବାହାରିଲା । ତାର ଏ ପର୍ଯ୍ୟନ୍ତ ଯାହା ପାଉଣା ହୋଇଛି ସବୁ ଚୁଟାଇ ନଦେଲେ ସେ ମୋ ସାମାନ ଜବତ କରିବ ବୋଲି ମଧ୍ୟ ଧମକାଇଲା । ତାର କୁତ୍ସିତ ବ୍ୟବହାରରେ ରାଗି ଉଠି ତାକୁ କିଛି ଭଡ଼ା ଫଡ଼ା ଦିଆହେବ ନାହିଁ ବୋଲି କହି ମୁଁ ବନୁକୁ ରିକ୍‌ସା ଛାଡ଼ିବାକୁ ଇଙ୍ଗିତ କଲି । ବନୁ ମଧ୍ୟ ତାର ଜୁଲୁମ ଏଡ଼ାଇବା ପାଇଁ ତାକୁ ମାରି ମାରି ନେଇ ଗୋଟାଏ ବଡ଼ ଖୁଣ୍ଟରେ ତା ମୁଣ୍ଡ ବାଡ଼େଇ ଦେଲା । ରହିମ୍ ଏଥର ଆଉ ଗୋଳମାଳ କରିବାକୁ ସାହସ କଲାନାହିଁ । ଚୁପ୍ କରି ଯାଇ ନିଜ ରିକ୍‌ସା ଉପରେ ବସି ମୋତେ ଆଉ ବନୁକୁ ପଛରୁ ଗାଳି ଦେବାକୁ ଲାଗିଲା ।

ରହିମ୍‌କୁ ଜବତ କରି ନିଜର ବିଜୟ ଗୌରବରେ ସ୍ଫୀତ ହୋଇ ବନୁ ଆସି ମୋତେ ସଲାମ୍ କରି ଛିଡ଼ା ହେଲା । ତା ଭାବ ଭଙ୍ଗୀରୁ ପ୍ରକାଶ ପାଇଲା ଯେ, ସେ ଯେପରି ତାର ଏହି ବୀରତ୍ୱ ପାଇଁ ମୋଠାରୁ କିଛି ଅଧିକା ବକ୍‌ସିସ୍ ମାଗୁଥିଲା । ମୁଁ ତାକୁ ବସାଠାରେ ଦିଆଯିବ ବୋଲି କହିବାରୁ ସେ ଆଶ୍ୱସ୍ତ ହୋଇ ରିକ୍‌ସା ଟାଣିଲା ।

ବସାରେ ପହଞ୍ଚି ବନ୍ଧୁ ବାନ୍ଧବମାନଙ୍କର ତୁମୁଳ ଅଭ୍ୟର୍ଥନାରେ ମୁଁ ରହିମ୍ କଥା ପାସୋରି ପକାଇଲି ।

ମୁଁ ବନାରସରୁ ସେହିଦିନ ଡେରାଡୁନ୍ ଏକ୍‌ସପ୍ରେସରେ ଫେରୁଛି ବୋଲି ସେମାନଙ୍କୁ ଆଗରୁ ତାର କରିଥିଲି । ସେମାନେ ସମସ୍ତେ ଉଦ୍‌ଗ୍ରୀବ ଅପେକ୍ଷାରେ ପ୍ରୋଷିତ ଭର୍ତ୍ତୃକାପରି ମୋର ଆଗମନ ପଥ ଚାହିଁ ବସିଥିଲେ । ମୁଁ ପହଞ୍ଚିବାମାତ୍ରକେ ସେମାନେ ଏପରି ସମସ୍ୱରରେ ମୋର ଜୟଧ୍ୱନି କରି ଉଠିଲେ ଯେ, ମୋର ମନେ ହେଲା ଭାରତବର୍ଷର ଖୋଦ ଭାଇସରୟ ମଧ୍ୟ ବମ୍ବେର ଗେଟ୍ ଅଫ୍ ଇଣ୍ଡିଆ ତୋରଣ ନିକଟରେ ପହଞ୍ଚି ଏପରି ଅଭ୍ୟର୍ଥନା ପାଉଥିବେ କି ନାହିଁ, ସନ୍ଦେହ । ଖାଲି ସେତିକି ନୁହେଁ, ସେମାନେ ମୋ ପାଇଁ ଦେଢ଼ଟଙ୍କା ଦାମରେ ମେଟ୍ରୋହାଉସର ଖଣ୍ଡେ ବାଲକୋନି ଟିକଟ ମଧ୍ୟ ଆଗରୁ କିଣି ରଖିଥିଲେ । "ଲଭ ଇନ୍ ଦ ରାନ୍" ବହିରେ ଯୋନ କ୍ରାଫୋର୍ଡର ଗୁରୁତ୍ୱପୂର୍ଣ୍ଣ ଅଭିନୟକୁ ଦେଖିବା ପାଇଁ ସେଦିନ ଆମର ସଞ୍ଜବେଳର କର୍ମତାଲିକା ମଧ୍ୟ ସଙ୍ଗେ ସଙ୍ଗେ ତିଆରି ହୋଇଗଲା ।

Digitized by PPRACHIN, SOA

ନଅଟା ଶୋ'ରେ ସିନେମା ଦେଖିସାରି ଆମେ ସମସ୍ତେ ବସାକୁ ଫେରୁଥିଲୁଁ । ଗୋଲ୍ଡ଼୍ ଫ୍ଲେକ୍‌ର ଧୂମ କୁଣ୍ଡଳୀ, ଆଉ ଏସ୍‌ପ୍ଲାନେଡ଼ର ଚାକଚକ୍ୟପୂର୍ଣ୍ଣ ସମାରୋହ ଭିତରେ ଆମେ ସବୁ ଭୁଲି ଯାଇଥିଲୁ, ଆମ ଦୈନଂଦିନ ଜୀବନର କ୍ଷତଜ୍ୱାଳା । ଆମର ମନେ ହେଉଥିଲା, ସଂଜବେଳର ଏସ୍‌ପ୍ଲାନେଡ୍ ଯେପରି ମଣିଷ ପାଇଁ ନୁହେଁ, କି ମଣିଷ ହାତରେ ତିଆରି ନୁହେ ।

ଧରମତାଲ୍ଲା ଡେଇଁ ବହୁବଜାରର ଗୋଟିଏ ଅପରିସର ଗଳି ଭିତରେ ଆମେ ବସାକୁ ଲେଉଟୁଥିଲୁଁ । ବସା ଆଉ ଦୂର ଅଛି, ହଠାତ୍ ଦେଖିଲି, ଗୋଟିଏ ଚୌରତାଲ୍ଲି କୋଠାର ଫାଟକ ପାଖରେ ରିକ୍ସା ଖଣ୍ଡିକ ଧରି ରହିମ୍ ଖୁବ୍ ପାଟି କରି 'ବାବୁ' 'ବାବୁ' ବୋଲି ଡାକ ଛାଡୁଛି । ତା କରୁଣ କ୍ରନ୍ଦନରେ ସାରା ଗଳିଟା ଫାଟି ପଡ଼ୁଚି ।

ଏତେ ରାତିରେ ଜଣେ ଲୋକର ଏହି କରୁଣ ଆର୍ତ୍ତନାଦ ଆମ ସମସ୍ତଂକୁ ବିଚଳିତ କରି ପକାଇଲା । ଆମେ ସମସ୍ତେ ଯାଇ ତା ଚାରିପଟେ ଘେରି ଛିଡ଼ାହେଲୁଁ । ମୁଁ ରହିମ୍‌କୁ ଚିହ୍ନି ପାରିଲେ ମଧ୍ୟ ଆଶ୍ଚର୍ଯ୍ୟର ବିଷୟ, ରହିମ୍ ମୋତେ ଏକାବେଳେକେ ଚିହ୍ନି ପାରିଲା ନାହିଁ । ସକାଳ ବେଳାର ତାର ସେହି କ୍ଷୁଦ୍ର ଆରୋହୀଟିର ସ୍ମୃତି ତା ଜୀବନର ତୀବ୍ର ବ୍ୟସ୍ତତା ଭିତରେ କୁଆଡ଼େ ବିଲ୍‌କୁଲ୍ ମିଳାଇ ଯାଇଥିଲା । ଆମ ସମସ୍ତଂକ ଆଗରେ ସେ ତାର ଗୁହାରି ଜଣାଇଲା ।

ତାର ଲଂବା ନାଲିସ୍ ଫର୍ଦ୍ଦ ଭିତରୁ ଯେଉଁ ଘଟଣା ଆମେ ସଂଗ୍ରହ କଲୁ ତାର ସାରାଂଶ ହେଉଚି ଏଇଆ ଯେ ସେ ଦିନ ରହିମ୍ ଖଟି ଖଟି ବାରଅଣା ପଇସା ରୋଜଗାର କରି ଫଜରୁଡ଼େ ଘରକୁ ଫେରୁଥିଲା । କାଲିଠାରୁ ସେ ଘରକୁ ଯାଇ ନଥିଲା । ତା ପିଲା କବିଲା ସବୁ ଶୋକରେ ଆଉଟ ପାଉଟ ହେଉଥିବେ । ଏଇ ଭାବନାରେ ସେ ଅସ୍ଥିର ହୋଇ ଖୁବ୍ ସହଳ ବସାକୁ ଲେଉଟୁ ଥିଲା । ଏହିପରି ସମୟରେ ଜଣେ ବାବୁ ତାକୁ ଚାରିଅଣା ପଇସା ଭଡ଼ା ଦେବେ ବୋଲି କହି ଗାଡ଼ିରେ ବସିଲେ । ଏଇ ଚୌରତାଲ୍ଲି ଘର ପାଖରେ ପହଂଚ ସେ ତାକୁ କହିଲେ ଯେ ଭଡ଼ା ଦେବାପାଇଁ ତାଂକ ପାଖରେ ଖୁଚୁରା ପଇସା କି ରେଜକି କିଛି ନାହିଁ । ସେ ରହିମ୍‌କୁ ଏକ ଟଂକା ଚାକର ହାତରେ ପଠାଇ ଦେବେ ବୋଲି କହି ତାହାଠାରୁ ବାର ଅଣା ପଇସା ନେଇ ଗଲେ । ରହିମ୍ ଏଡ଼େ ବଡ଼ ଘରର ବାବୁଂକୁ ଅବିଶ୍ୱାସ କରି-ପାରିଲା ନାହିଁ । ସେ ତାର ସାରା ଦିନର ସମସ୍ତ ରୋଜଗାର ବାରଅଣା ପଇସା ତାଂକ ହାତକୁ ବଢ଼ାଇଦେଲା ।

ବାବୁ ସେ ବାରଅଣା ପଇସା ନେଇ ଘର ଭିତରକୁ ପଶିଗଲେ ଓ ଶୀଘ୍ର ଟଂକା ଚାକର ହାତରେ ପଠାଇ ଦେବେ ବୋଲି କହିଗଲେ । ମାତ୍ର ରହିମ୍ ତିନି ଘଂଟା ହେଲା କାକରରେ ଛିଡ଼ାହୋଇ ଯେତେ ଡାକ ପକାଇଲେ ମଧ୍ୟ କେହି ଶୁଣୁନାହାଂନ୍ତି । ବାବୁ ବା ଚାକର ବାହାର ହେଲେ ଦେଖାନାହିଁ ।

ରହିମ୍ ପ୍ରତି ଆମ ସମସ୍ତଂକର ସହାନୁଭୂତି ଆକୃଷ୍ଟ ହେଲା । ଆମେ ସମସ୍ତେ ତାକୁ ଯେ ଠକାଇ ଦେଇଛି ତାକୁ ଶାସ୍ତି ଦେବାପାଇଁ ଦୃଢପ୍ରତିଜ୍ଞ ହେଲୁଁ । ଆମେ ସମସ୍ତେ

Digitized by PPRACHIN, SOA

ମିଳା ଘରର ଫାଟକରେ ଧକ୍‌କା ମାରିଲୁ । ବହୁତ ଡକାଡ଼କ ପରେ ଦରୁଆନ୍ ଆସି କବାଟ ଫିଟାଇ ଦେଲା । ବାବୁଙ୍କୁ ଡାକ ଦେବା ପାଇଁ କହିବାରୁ ଦରବାନ୍ ଜଣାଇଲା ଯେ, ବାବୁ ଶୋଇଲେଣି; ଆଜି ରାତିରେ ସେ ଆଉ ଉଠିବେ ନାହିଁ । ଆମେ ରହିମ୍‌ର ପଇସା ଦାବୀ କରିବାରୁ ସେ ପୁନର୍ବାର ଜଣାଇଲା ଯେ ବାବୁ ଫାବୁ କେହି ରିକ୍‌ସାରେ ଆସିନାହାଂନ୍ତି ।

ଆମେ ସମସ୍ତେ ଫେରିଆସି ରହିମ୍ କଥାରେ ସତ୍ୟତା ପରୀକ୍ଷା କରିବା ଲାଗି ତାକୁ ନାନା ରକମ ଜେରା କରିବାକୁ ଲାଗିଲୁଁ । ମାତ୍ର ରହିମ୍‌ର କାଂଦ କାଂଦ ଆଖି ଆଉ ତାର କରୁଣ ସ୍ୱର ତା କଥାର ଦୃଢ଼ତା ସପକ୍ଷରେ ଯଥେଷ୍ଟ ସାକ୍ଷ୍ୟ ପ୍ରଦାନ କଲା । ଆମେ ସମସ୍ତେ ରହିମ୍‌କୁ ସାହାଯ୍ୟ କରିବୁ ବୋଲି ଆଶ୍ୱାସନା ଦେଲୁଁ ଓ ନିକଟସ୍ଥ ଥାନାରେ ଖବର ଦେଲୁଁ ।

ମାତ୍ର ପୁଲିସ ଇନ୍‌ସ୍ପେକ୍ଟର ସେ ଘରର ନଂବର ଶୁଣି ରହିମ୍‌କୁ ଦୂର ଦୂର ମାର ମାର କରି ଘଉଡ଼ିବାକୁ ଆରଂଭ କଲେ । ସେ କହିଲେ ଯେ ରହିମ୍‌ଟା ମିଛୁଆ, ସରାପ ଖାଏ, ଆଉ ସେ ଘରର ବାବୁ ଖୁବ୍ ବଡ଼ ଜମିଦାର । ତାଂକର ଦୁଇଖଂଡ଼ ବୁଇକ୍ ଗାଡ଼ି ଅଛି ।

ରହିମ୍ ଯେତେ କାଂଦିଲା, ଯେତେ ଶପଥ କଲା ସବୁ ପାଣି ଫାଟିଗଲା । ଆମେ ସମସ୍ତେ ଥାନା ବାବୁଙ୍କୁ ମନେ ମନେ ଅଭିଶାପ ଦେଇ ଦେଇ ଲେଉଟି ଆସିଲୁ । ରହିମ୍ କହିଲା, ମୋର ଭଡ଼ା ନ ଦେଲେ ନାହିଁ ପଛକେ ମୋର ବାର ଅଣା ପଇସା ହେଲେ ଲେଉଟାଇ ଦିଅଂତେ ! ! ସେ ଭେ ଭେ ହୋଇ କାଂଦ ଉଠିଲା । ମୋର ସଂଗୀମାନେ ସେହି ଭଦ୍ରଲୋକଂକ ଉଦ୍ଦେଶ୍ୟରେ ସମସ୍ୱରରେ କହି ଉଠିଲେ "ଠକ ଧପ୍‌ପାବାଜ !"

ମୁଁ ଟିକିଏ ପଛୁଇଯାଇ ନିଃଶବ୍ଦରେ ପକେଟରୁ ଗୋଟାଏ ଟଂକା କାଢ଼ି ରହିମ୍ ହାତରେ ଗୁଂଜିଦେଲି ।

ରହିମ୍ କିଛି ବୁଝି ନପାରି ଜିଜ୍ଞାସୁ ଦୃଷ୍ଟିରେ ମୋ ଆଡ଼କୁ ଅନାଇଲା । ମୁଁ କଥାଟାକୁ ସରଳ କରିଦେବା ଅଭିପ୍ରାୟରେ ତାକୁ କହିଲି—"ମୁଁ ସକାଳେ ତମ ଗାଡ଼ିରେ ଆସିଥିଲି କିନ୍ତୁ ତୁମେ ଦୁଇଥର ଧକ୍‌କା ଲଗାଇବାରୁ ମୁଁ ରାଗରେ ତମକୁ ଭଡ଼ା ଦେଇ ନଥିଲି । ସେହି ଭଡ଼ା ବାବଦକୁ ଏହି ଟଂକାଟି ତୁମକୁ ଦେଉଚି, ନିଅ ।

ବଂଧୁମାନେ ହୋ, ହୋ ହୋଇ ହସି ଉଠି କହିଲେ ଲୁଚିଇ ଲୁଚିଇ ଦାନ କରା-ହେଉଛି, ନା ?" ମୁଁ ଲଜ୍ଜିତ ହୋଇ ପଡ଼ିଲି ।

ରହିମ୍ ମୋର ମେହେରବାନି ପାଇଁ ମୋତେ ଗୋଟାଏ ସଲାମ କରି ରିକ୍‌ସା ଟାଣି ଟାଣି ଅନ୍ୟ ବାଟରେ ଗୁଳିଗଲା । ଅଂଧାର ରାତିରେ ତାର ରିକ୍‌ସା ଦେଖା ଯାଉ ନଥିଲେ ମଧ୍ୟ ତା ଘଂଟିର ଠୁଣ୍ ଠୁଣ୍ ଶବ୍ଦ ଆମେ ସମସ୍ତେ ଅନେକ ବେଳ ଯାଏ ଶୁଣି ପାରୁଥିଲୁ ।

Digitized by PPRACHIN, SOA

ଦାରୋଗାଂକ କୁକୁର

ପ୍ରତାପ ଗଂଜନ ବଳିଆର ସିଂହ ନାମଜାଦା ଦାରୋଗା । ତାଂକ ବାପା କହୁଂଥିଲେ, "ମାଛ ଖାଇବ ଇଲିସ୍, ଚାକିରି କରିବ ପୁଲିସ୍ ।" ତାଂକ କୁଳବର୍ଦ୍ଧନ ପୁତ୍ର ତାଂକର ସେ ଉଚ୍ଚ ଆଶା ପୂରଣ କରିଛଂତି ।

ଦାରୋଗା ପରି ଦାରୋଗା ଜଣେ ବଳିଆର ସିଂହ । ପାଂଚ ହାତିଆ କଳା ମଚ୍ ମଚ୍ ଘଂଡ଼ା ମାର୍କା ଦେହରେ ଖାକିର ଇସ୍ତୀକରା ପୋଷାକ । ବୋତାମଗୁଡ଼ାକ ଦାଉ ଦାଉ କରେ । ସୁନା ଖିଲ ମରା ଗ୍ରୁମୁଦାଂତଗୁଡ଼ାକ ତା ସାଂଗକୁ ଚକ୍ ଚକ୍ କରି ଉଠଂତି । ସ୍ୟା-ବଡ଼ା ମୁହଁକୁ ସ୍ୟା ବଡ଼ା ନିଶ । ସେପରି ଦାରୋଗା ସେ ତାଲୁକାରେ କେବେ ଦେଖା ଯାଇ ନଥିଲେ ।

ସ୍ୱାମୀଂକର ପଦମର୍ଯ୍ୟାଦା ନେଇ ଦାରୋଗା ପତ୍ନୀ ସମଧିକ ଗର୍ବିତା । ଡେପୁଟି ବାବୁଂକ ସ୍ତ୍ରୀଂକ ସଂଗେ ତାଂକର କାହା ସ୍ୱାମୀ ବଡ଼ ଏ ବିଷୟରେ ତୁମୁଳ ବାଦାନୁବାଦ ହୁଏ । ଡେପୁଟି ଗୃହିଣୀ କହୁଂଥିଲେ, "ତମ ବାବୁ କିଛି ଦୋଷକଲେ ଆମ ବାବୁ ତାଂକୁ ଜେଲ ଦେଇ ପାରିବେ ।"

ଦାରୋଗା ଗୃହିଣୀ ପ୍ରତିଆକ୍ରମଣ କରଂତି—"ଜେଲ୍ ସିନା ଦେଇ ପାରିବେ, ହାତରେ କଡ଼ି ଦେଇ ପାରିବେ ନାହିଁ । ତମ ବାବୁ କିଛି ଦୋଷ କଲେ ଆମ ବାବୁ ତାଂକୁ ହାତକଡ଼ି ଦେଇ ବାଂଧି ଆଣି ପାରିବେ ।"

ଡେପୁଟି ଗୃହିଣୀ ନିଆଁରେ ଲୁଣ ପଡ଼ିଲାଭଳି ଫୁଟଂତି । ଶେଷକୁ ତାଂକ ବ୍ରହ୍ମାସ୍ତ୍ର ପ୍ରୟୋଗ କରଂତି—"ଆମ ବାବୁଂକ ଦରମା ଦୋହରା ।"

ଏ ତାର୍କିକ ଯୁକ୍ତି ଆଗରେ ମୁଂଡ଼ ନୁଆଂଇ ଦାରୋଗା ପତ୍ନୀ । କିଂତୁ ପ୍ରତିଶୋଧ ନେବାକୁ ଛାଡ଼ଂତି ନାହିଁ । ଦାଂତ ଚିପି କହୁଂଥିଲେ, "ଏ ଦେଶଟା ତ ନିମକ ହାରାମ । ଅନ୍ୟ ଦେଶ ହୋଇଥିଲେ, ପାକିସ୍ତାନ ହୋଇଥିଲେ ଦରମାଟା ନିଶ୍ଚୟ ଦଶ ଗୁଣା ହୋଇଥାଂତା ।"

ସ୍ଥାନୀୟ ହେଡ଼ମାଷ୍ଟରଂକ ପତ୍ନୀ ପାନ ଚୋବାଇ ଚୋବାଇ ମଧ୍ୟସ୍ଥ ହୋଇ ସମାଧାନ କରଂତି, "ନାଇ କିଏ ବଡ଼ କିଏ ଶ୍ରେଷ୍ଠ ନୁହେ । ଦହେଁ ଦହିଂକ ବଳଂତି । ଦେଖୁନ, ଆମ ବାବୁଂକ କଥା । କିଏ ତାଂକୁ ପଚାରୁଛି ? କିଂତୁ ସେ ନ ଥିଲେ ଦେଶରେ ଡେପୁଟି କି ଦାରୋଗା କେହି ନ ଥାଂତେ । ସମସ୍ତେ ଗଜ ମୂର୍ଖ ହୋଇ ବସିଥାଂତେ । ହେଲେ କିଏ ବୁଝୁଛି ? ଯାହା କହିଲ ଭଉଣୀ ସତ । ଦେଶଟା ନିମକ ହାରାମ୍ ।"

Digitized by PPRACHIN, SOA

ଏଭଳି ଦାରୋଗା ବାବୁଙ୍କ ସ୍ୱନାମଧନ୍ୟ କୁକୁର ସୁଲତାନ୍ । ତାର ବଂଶାବଳୀ ଆଲୋଚନା କରି ଜଣା ଯାଇଛି, ତାର ପିତୃପୁରୁଷଙ୍କ ଆଭିଜାତ୍ୟର ଦୀର୍ଘତା ଖୁବ୍ ବେଶି, କେଉଁଠି ସାହେବ ଆଠ ଦଶ ବର୍ଷ ତଳର ଏକ ବୁଲି କୁକୁର ପର୍ଯ୍ୟନ୍ତ ଯାଇପାରେ ।

କିନ୍ତୁ ସେ ଇଲାକାରେ ସମସ୍ତେ କହନ୍ତି, ସେ ଆଲସିସ୍ୟନ୍ । କିଏ କହେ, ଷ୍ଟାଣ୍ଡ-ଆର୍ଡ, କିଏ କହେ ଓଡ଼ିଶା ରାଜା ସାହେବ କଲିକତାରୁ ଆଣି ଦେଇଥିଲେ ।

ଦାରୋଗା ବାବୁଙ୍କ କୋଠିକୁ ପ୍ରତିଦିନ ଆସୁଥିବା ଶହ ଶହ ଦର୍ଶନାର୍ଥୀଙ୍କୁ ସୁଲତାନ ହିଁ ପ୍ରଥମେ ଫାଟକ ସାମନାରେ ଅଭ୍ୟର୍ଥନା କରେ । ଟିକିଏ ସୁଁଘି ସୁଁଘି କରି ମୁହଁକୁ ଅନାଏ । ପୁଣି ମୁହଁ ମାଡ଼ି ଶୁଏ । କିଏ ତାକୁ ବୃଷଭ ପୂଜା ଖିଆଡରେ ମୁଢ଼ି, ଉଖୁଡ଼ା ଏବଂ କୌଣସି କୌଣସି କଣ୍ଟ୍ରାକ୍ଟର କାଂବା ସରପଂଚ ପାଚିଲା କଦଳୀ ମଧ୍ୟ ଖୁଆଇବାର ଦେଖା ଯାଇଚି ।

ସମୟ କାହାରିକି ଅନାଏ ନାହିଁ । ସେ ଦାରୋଗାଙ୍କ କୁକୁର ହେଉ ବା ମହା-ଦେବଙ୍କ ବୃଷଭ ହେଉ—ସୁଲତାନ କ୍ରମେ ବୃଦ୍ଧ, ବୃଦ୍ଧରୁ ରୁଗ୍ଣ ଏବଂ ରୁଗ୍ଣରୁ ଲୋମହୀନ ଚଳନ୍ତ୍ ଶକ୍ତି ବିହୀନ ହୋଇ ମୃତ୍ୟୁ ମୁଖରେ ପଡ଼ିଲା ହୁଏ ।

ଗ୍ରେଟ ତାଲୁକ ସହରଟିର ସବୁ ବାବୁଭୟା, ଜଣା ଶୁଣା ଲୋକ, ଠିକାଦାର, ବେପାରୀ, ସଂଗୃହିତ କମିଟି ମେଂବର, କଳାବଜାରୀ, ମାମଲତକାର, ଖଦଡ଼ଧାରୀ, ପରମିଟ-ବାଲା, ଦାରୋଗା ବାବୁଙ୍କ ଘରେ ଆସି ହାଜର । ଆହାଃ ! କୁକୁର ପରି କୁକୁରଟାଏ ଥିଲା ଏକା ! କିଏ କହୁଚି, "କୁକୁର ତ ନୁହେ ଏକ ବ୍ରହ୍ମଜ୍ଞାନୀ ଥିଲା । ପୂର୍ବ ଜନ୍ମରେ ନିଶ୍ଚୟ ଖଂଡ଼ଗିରିରେ ବହୁତ ଜପତପ କରିଥିଲା । ଦେଖୁନ ସବୁବେଳେ କେମିତି ଫାଟକ ଆଗରେ ଆଖି ବୁଜି ଢୁଲାଉ ଥାଏ । ମାଛକୁ ମଳ ବୋଲି କହିବ ନାଇ ।"

ମହାସମାରୋହର ସହିତ ଶୋଭାଯାତ୍ରା ବାହାରିଲା । ସବୁ ଦଳ ଓ ସବୁ ମତର ଲୋକ କୁକୁରର ଶବ ଯାତ୍ରାରେ ଯୋଗ ଦେଇଥିଲେ । ଦୁଇ କୀର୍ତ୍ତନ ଦଳ ମଧ୍ୟ ସ୍ୱେଚ୍ଛାକ୍ରମେ ଆଗେ ଆଗେ ଚାଲିଥିଲେ । "ବୋଲ ହରି ବୋଲ ।" "ରାମ ନାମ ସତ୍ୟ ହୈ" ଏବଂ "ଆଲ୍ଲାହ ବିସ୍-ମିଲ୍ଲା"—ସବୁ ପ୍ରକାର ଧ୍ୱନିରେ ରାସ୍ତା ଭରି ଯାଇଥିଲା ।

ଦାରୋଗା ସାହେବଙ୍କ ଗୃହିଣୀ ଦୂରରୁ ଏ ଶୋଭାଯାତ୍ରା ଦେଖି ମନେ ମନେ ଗର୍ବ ଏବଂ ଗୌରବ ଅନୁଭବ କରିଥିଲେ । ଶୋଭାଯାତ୍ରାଟା ଯେମିତି ଡେପୁଟି ବାବୁଙ୍କ କୋଠୀ ସାମନା ରାସ୍ତା ଦେଇ ଯିବ ସେଥିପ୍ରତି ଦୁଇଜଣ ସିପାହିଙ୍କୁ ଚୁପ୍ କରି ଇଂଗିତ ଦେଇଥିଲେ । ସେ ଗର୍ବୋତ୍ଫୁଲ୍ଲ ମନରେ ଭାବୁଥିଲେ—"କୁକୁରକୁ ତ ଏମିତି—ଯଦି କୁକୁରର ମାଲିକ ହୋଇଥାଂତା—।" ଏତିକି ଭାବି ସେ ଥୁକୁଲି ପକାଂନ୍ତି—"ଛି ! ଛି ! କି ଅମଂଗଳ ଚିଂତା !!"

ଦୁନିଆଁରେ ସବୁ ପୁଣି ଘଟେ । ମରଣ କାହାରିକି ମାନେ ନାଇ, ସେ ଦାରୋଗା ହୁଅଂତୁ ବା ମଂତ୍ରୀ ହୁଅଂତୁ । ବର୍ଷ ଦୁଇଟା ନ ଯାଉଣୁ ଦିନେ ସକାଳେ ଦାରୋଗା ବାବୁଙ୍କ ନିକଟକୁ ସମନ ଆସିଲା । ବେଶି କିଛି କାରଣ ନାଇ । ମାତ୍ର ତିନିଟା ଦିନ ଜର । ତା'ପରେ ଶ୍ୱାସ ଘଡ଼ ଘଡ଼ । ବେଶ୍ ଖତମ୍ !

Digitized by PPRACHIN, SOA

ଘରଅାଡ଼େ ଶୁଣାଗଲା ଅହା ! ଦାରୋଗା ବାବୁଟା ଚାଲିଗଲା । ଠିକାଦାର ବାବୁ ଟିକେ ଉଶ୍ୱାସ ବୋଧ କଲେ । ଅଂଟା!ଖୋସା ତ କମ୍ ଦେବାକୁ ପଡ଼େନାହିଁ—କାମ ଥାଉ ବା ନ ଥାଉ ।

ତା' ପରେ ଶବ ଉଠିବ । ବହୁତ ଧରା ଧରି କରି କେତେଜଣ ଲୋକ ଜୁଟିଲେ । କିଂତୁ ଏଂତକ ଲୋକରେ କ'ଣ ଏଡ଼େ ବଡ଼ ମୁର୍ଦାର ଉଠିବ ନା ଦାହ କରି ହେବ ? ଥାନାର ସିପାହିମାନଂକୁ ଶେଷରେ ଡକା ହେଲା ।

ଦାରୋଗା ବାବୁଂକ ସ୍ତ୍ରୀ ଘରର ଗୋଟାଏ କଣରେ ପଡ଼ିଛଂତି । ପିଲାଗୁଡ଼ାକ ଭେଁ ଭେଁ ହେଉଛଂତି । କ'ଣ ହେଲା ? ସବୁ ସରିଗଲା ! ଡକା ପାରି ପାରି ସ୍ୱାମୀଂକର ଶେଷ ଯାତ୍ରାଟା ଦେଖିବା ପାଇଁ ସେ ଦୌଡ଼ିଆସିଲେ । କିଂତୁ କାହାଂତି ଲୋକ ! ଦୁଇ ବର୍ଷ ତଳର ସେ ଦୃଶ୍ୟଟା ସଂଗେ ଆଜିର ଏ ତାରତମ୍ୟଟା ତାଂକ ଆଖିକୁ ପ୍ରଥମେ ପୀଡ଼ା ଦେଲା । ଏତେ ବୁକୁଫଟା ଦୁଃଖ ଭିତରେ ବି ତାଂକ ହୃଦୟରେ କ୍ରୋଧ ଜାଗି ଉଠିଲା । ସେ ମନେ ମନେ କହିବାକୁ ଲାଗିଲେ, "ସମସ୍ତେ ନିମକ୍ ହାରାମ୍ ।"

ପଇସାଟିଏ !

ନୀଳାମ୍ବର ବାବୁ ଏକ ସାନ୍ଧ୍ୟ ଆଲୋଚନା-ବନାମ-ଗଳ୍ପ-ପାର୍ଟିରେ ଯୋଗଦେଇସାରି ଫେରୁଥାନ୍ତି । ଭୁବନେଶ୍ୱରରୁ କଟକ ବେଶି ରାସ୍ତା ନୁହେଁ । ମାତ୍ର କୋଡ଼ିଏ ମାଇଲ୍ ଅର୍ଥାତ୍ ପ୍ରାୟ ଅଧଘଣ୍ଟାର ବାଟ । ତଥାପି ମନଟା ତାଙ୍କର ବିରକ୍ତିରେ ଭରିଯାଇଛି । ରାସ୍ତା ସରୁ-ନାହିଁ । ସେ ଭାବୁଚନ୍ତି, ଆଜିର ଏଇ ବର୍ଷଣମୁଖର ସନ୍ଧ୍ୟାଟାକୁ ଏଭଳି ନିର୍ବୋଧ ଆଲୋଚନାରେ ଖର୍ଚ୍ଚ ନ କରି ବରଂ କଟକରେ ନିଜ ଘର ବାରଣ୍ଡାରେ ବସିରହି ଏଣୁତେଣୁ ଭାବୁ ଭାବୁ କଟାଇଦେଇଥିଲେ ଭଲ ହୋଇଥାନ୍ତା । ଯେତେ ସବୁ ବାଜେ ତର୍କ ! ପଶ୍ଚିମ ବଙ୍ଗରେ ସବୁ ମୁଖ୍ୟମନ୍ତ୍ରୀ ବାଙ୍ଗୁଆ ହେଲେ କାହିଁକି ? ଆମ ଓଡ଼ିଶାର ନୂଆ ମନ୍ତ୍ରିମଣ୍ଡଳର ନୀତି କଣ ? ନୂଆ ସରକାର ଅମଳରେ ଗ୍ରାମସେବିକାମାନଙ୍କର ଭବିଷ୍ୟତ କଣ ହେବ ? ଏଇ ସବୁ ଫିମ୍ପିମରା କଥାରେ ଲଥା ମିଳାଇ ଯୋଗଦେବାକୁ ତାଙ୍କର ଆଦୌ ଇଚ୍ଛା ହେଉ ନ ଥିଲା । ତଥାପି ଦୀର୍ଘ ତିନିଘଣ୍ଟା କାଳ ତାଙ୍କୁ ବସି ରହିବାକୁ ହୋଇଛି ।

ରାସ୍ତା ସବୁ ଗୋଟାଏ ବଡ଼ ବର୍ଷାରେ ଧୋଇହୋଇ ଚକ୍‌ଚକ୍ ଦିଶୁଛି । ପୁଣି ବି ଟିକେ ଟିକେ କୁଣ୍ଡା ଝାଡ଼ୁଛି । ଓଦା ଗଛପତ୍ର ଓ ଧାନବିଲ ଉପରେ ମୋଟରର ଆଲୁଅ ପଡ଼ି ଅଭରକ ଗୁଣ୍ଡ ବିଞ୍ଚିଦେଲା ପରି ଜଣା ପଡ଼ୁଛି । ଗୋଟିଏ ପେଚା ରାସ୍ତାର ଏପଟୁ ସେପଟ ଗଛକୁ ଫଡ଼୍ ଫଡ଼୍ ହୋଇ ଉଡ଼ିଗଲା । ଗୋଟାଏ ବିଲୁଆ ମଧ୍ୟ ରାସ୍ତା ପାର ହେଲା, ତେବେ ଡାହାଣରୁ ବାଆଁ ପଟକୁ । ତାଙ୍କର ଅନ୍ୟମନସ୍କତା ଯେ ସେ ସବୁ ଲକ୍ଷ୍ୟ ନ କରିଛନ୍ତି ତା ନୁହେଁ । ତେବେ ସେଥିପ୍ରତି ସେ ଧ୍ୟାନ ଦେଇପାରୁ ନାହାନ୍ତି । ଗାଡ଼ି ଛୁଟାଇ ଚାଲିଛନ୍ତି ।

ସବୁଠୁ ବେଶି ଅସ୍ୱସ୍ତିକର ଏଇ ଲେଭେଲ୍ କ୍ରସିଂଟା । ସହରରେ ପହଞ୍ଚ ମଧ୍ୟ ନ ପହଞ୍ଚିଲା ପରି ଲାଗେ । ସେ କପାଳରୁ ଝାଳ ପୋଛିବାକୁ ଲାଗିଲେ ।

ଲେଭେଲ୍ କ୍ରସିଂ ପାର ହୋଇ ବକ୍ସିବଜାରରେ ପହଞ୍ଚିଲାବେଳକୁ ରାତି ପ୍ରାୟ ସାଢ଼େ ଦଶଟା-ବାଜିଲାଣି । ବଜାର ଦୋକାନ ପ୍ରାୟ ପଡ଼ିଗଲାଣି । ଅଳ୍ପ ଗୋଟାଏ ଅଧେ ଯାହା ଖୋଲିଅଛି ତାହା ମଧ୍ୟ ବନ୍ଦ ହେବାକୁ ଯାଉଛି ।

ବଡଖୁଣ୍ଟଗୁଡ଼ାକ ପ୍ରାୟ ଅନ୍ଧାର କହିଲେ ଚଳେ । ତାଙ୍କର ମନେହେଲା, ଗୋଟାଏ ଖବରକାଗଜ କିଣିବା ଦରକାର ? କାରଣ ତାଙ୍କର ଚାକର ହୁଏତ ଆଜି କାଗଜ କିଣି ନ ଥିବ । ସେ ଗୋଟାଏ ହକର୍ ପିଲାକୁ ଡାକିଲେ । କାଗଜ ଖଣ୍ଡ ନେଇ ପ୍ରଥମ ପୃଷ୍ଠା ଉପରେ ଆଖି ବୁଲାଇ ଦେଇ ପକେଟ ଅଣ୍ଡାଳିଲେ । ବାହାରି ଆସିଲା ଗୋଟାଏ ସୁକି । ସେ

Digitized by PPRACHIN, SOA

ସେଇଟାକୁ ହିଁ ହକର ହାତକୁ ବଢ଼ାଇଦେଲେ । ବାର ପଇସା ନେଇ ତେର ପଇସା ଫେରାଇଦେବା କଥା । ମାତ୍ର କାଗଜବିକାଳୀ ତାଂକୁ ଫେରାଇଲା ମାତ୍ର ବାର ପଇସା, ଏକ ଦଶ ପଇସା ଏବଂ ଏକ ଦୁଇ ପଇସାର ରେଜ୍‌କି । ସେ ଅନ୍ୟମନସ୍କ ଭାବରେ ପଇସାତକ ଅଭ୍ୟାସମୁତାବକ ପକେଟରେ ରଖିଦେବାକୁ ଯାଉଥିଲେ, ମାତ୍ର ତାଂକର ହଠାତ୍ ମନେ ହେଲା ଥରଟିଏ ଗଣି କରି ଦେଖିବା ଦରକାର । ହକର ଟୋକା ସେତେବେଳକୁ ସାଇକେଲ୍ ଛୁଟାଇ-ଦେଇ ବାର ହାତ ଆଗକୁ ବଢ଼ି ଗଲାଣି । ହେଲେ ନୀଳାଂବର ବାବୁ ତାକୁ ଡାକ ପକାଇଲେ । ଗୋଟିଏ ପଇସା କମ ଥିବା କଥା ଜଣାଇଲେ । ହକର ଜବାବ ଦେଲା ତା'ପାଖରେ ପଇସିକିଆ କିଂବା ତିନିପଇସିକିଆ ରେଜ୍‌କି ନାହିଁ, ସେ ନାଚାର । ନୀଳାଂବର ବାବୁଂକର ମନେ ପଡ଼ିଲା ତାଂକର ସ୍ତ୍ରୀଙ୍କର ତାଂକୁ ପ୍ରାୟ ରୋଜ ଏଇପ୍ରକାର ରିପୋର୍ଟ ଦେଇ ଆସୁଛି । ବିଭିନ୍ନ ହକରମାନେ ପ୍ରତିଦିନ ତାଠୁଁ ଏଇପ୍ରକାର ଗୋଟିଏ ଗୋଟିଏ ପଇସା ଅଧିକା ନେଉଚଂତି ଏବଂ ସେ କ୍ଷତି ଭରଣା କରିବାକୁ ପଡ଼ୁଚି ନୀଳାଂବର ବାବୁଂକୁ । ସେ ସ୍ତ୍ରୀକରଙ୍କୁ ଅଧେ ବିଶ୍ୱାସ, ଅଧେ ଅବିଶ୍ୱାସ କରିଆସୁଥିଲେ । ଆଜି ତାଂକର ନିଜର ଅଭିଜ୍ଞତା ସେ ବିଷୟରେ ସୁସ୍ପଷ୍ଟ ପ୍ରମାଣ ଯୋଗାଇଲା ।

ସେ ଧରିନେଲେ ଯେ ଏହା ଏକପ୍ରକାର ସୁସଂଗଠିତ ଓ ସୁପରିକଳ୍ପିତ ଯୋଜନାର ଅଂଶ । ପ୍ରତି କାଗଜରେ ଗୋଟିଏ ଗୋଟିଏ ଅଧିକ ପଇସା ଅସୁଲ କରିବାର ଫନ୍ଦି । ସେ ବଡ଼ ପାଟିରେ ଦାବୀକଲେ ଯେ ତାଂକୁ ଅଲବତ୍ ଆଉ ଗୋଟିଏ ପଇସା ଦେବାକୁ ହେବ । ମାତ୍ର କାଗଜବିକାଳୀ ତା ପକେଟର ସବୁ ରେଜା ବାହାର କରି ଆଂଜୁଳାରେ ଦେଖାଇଲା ଯେ ତା' ପାଖରେ ତିନିପଇସି କିଂବା ଏକପଇସି ନାହିଁ । ନୀଳାଂବର ବାବୁ କିଂତୁ ବୁଝିଲେ ନାହିଁ । ତାଂକର ଯୁକ୍ତି ହେଲା, ଯଦି ନାହିଁ, ଆଗରୁ କାହିଁକି ସେ ରଖିଲା ନାହିଁ । ସେ ଜାଣିଶୁଣି ରେଜା ରଖି ନାହିଁ । ସେ ନିଜ ପକେଟର ସବୁ ରେଜା ଆଂଜୁଳାରେ ପଦାକୁ ଆଣି ଖୋଜିବାକୁ ଲାଗିଲେ । ଦେଖିଲେ ଠିକ୍ ବାର ପଇସାର ରେଜା ବାହାରୁ ନାହିଁ । ହୁଏତ ଦଶ ପଇସା ନୋହିଲେ ପଂଦର ପଇସା ବାହାରୁଚି । ସେ ରାଗରେ ହକରକୁ ବୁଡ଼ବକ୍, ଠକ ଇତ୍ୟାଦି କହି ଅଗତ୍ୟା କାଗଜଟି ଫେରାଇଦେବାକୁ ସ୍ଥିର କଲେ । କାରଣ ତାଂକ ମତରେ ଏଭଳି ସଂଗଠିତ ଠକାମିକୁ ମୁଂଡପାତି ମାନି ନେବା କୌଣସି ଦେଶପ୍ରେମୀ ପକ୍ଷରେ ଉଚିତ ନୁହେଁ । ଏହାହିଁ ଦେଶରେ କଳାପୋଡ଼ାଇ ଓ ଦୁର୍ନୀତି ପ୍ରସାରଣରେ ସାହାଯ୍ୟ କରୁଚି । ସେ ହକର ହାତରୁ ସୁକଟାକୁ ଓାପସ୍ ନେଇ ଜୋରରେ ମୋଟର ଛୁଟାଇଦେଲେ ।

ଅଳ୍ପ ଦୂର ଯାଇ ଆଉ ଏକ ହକର ପିଲା ହାବୁଡ଼ିଲା । ଏ କିଂତୁ ଠିକ୍ ପିଲା ନୁହେଁ, ପ୍ରାୟ ଯୁବକ, ପୁଣି କଟକୀ ଯୁବକ । ଫେଟ୍, ହାଓାଇ ସାର୍ଟ ପିଂଧିଚି । ନୀଳାଂବର ବାବୁ ଗାଡ଼ି ରୋକି ତାକୁ ଡାକି କାଗଜ ମାଗିଲେ । କାଗଜ ନେଇ ପୁଣି ପକେଟର ସବୁ ରେଜ୍‌କି କାଢ଼ି ତନ୍ନତନ୍ନ କରି ପରୀକ୍ଷା କରିବାକୁ ଲାଗିଲେ । ଦେଖିଲେ ପଂଦର ପଇସା ତଳକୁ କିଂବା ଦଶ ପଇସା ଉପରକୁ କିଛି ଖୁଚୁରା ନାହିଁ । ସେ ହକର ହାତକୁ ଏକ ଦଶ ପଇସା ଓ ଏକ

Digitized by PPRACHIN, SOA

ପାଂଚପଇସା ବଢ଼ାଇଦେଲେ । ମାତ୍ର ହକର ତିନି ପଇସା ଓ୍ୱାପସ୍ ନ ଦେଇ ତାଂକୁ ଫେରାଇଦେଲା ଗୋଟିଏ ଦୋପଇସି । ବେପରବା ଭାବରେ କହିଲା, ତା' ପାଖରେ ରେଜା ନାହିଁ । ନୀଳାଂବର ବାବୁଂକର ଖୁନ୍ ଗରମ ହୋଇଗଲା । ସମସ୍ତେ ସେଇ ଏକ ଠକଗୋଷ୍ଠୀର ସାମିଲ । ସମସ୍ତେ ସଂଘବଦ୍ଧ ଭାବରେ ଠକେଇ କରିବା ପାଇଁ ଗୋଟାଏ ଦଳ ଗଢିଛଂନ୍ତି ।

ସେତେବେଳକୁ ରାତି ପ୍ରାୟ ସାଢ଼େ ଏଗାରଟା ହେଲାଣି । ଘର ଦେଖା ଯାଉଚି । ତେଣୁ ଏଇ ହେଉଚି ଆଜିର ଶେଷ ହକର । ଆଉ ହକର ଜୁଟିବାର ସଂଭାବନା ନାହିଁ । ନୀଳାଂବର ବାବୁ ଅଗତ୍ୟା ଭାବିଲେ ଗୋଟାଏ ପଇସା ଯିବ ତ ଯାଉ, ଉଚ୍ଚବାଚ ନ କରି କାଗଜଖଂଡକ କିଣିନେବେ । କିଂତୁ ତାଂକ ଦେଶପ୍ରେମ ପ୍ରତିବାଦ ଜଣାଇଲା । ସମସ୍ତେ ଯଦି ଚୁପ୍-ଚାପ ଏଭଳି ଠକେଇ ବରଦାସ୍ତ କରିନେବେ ତ ଦେଶରୁ ଦୁର୍ନୀତି ଦୁରାଗ୍ରହ ଲୋପହେବ କେମିତି ?

ଏମିତିକା ମୁହଁବଢ଼ିଆ କରି କରି ତ ଦୁର୍ନୀତି ବର୍ତ୍ତମାନ ମେଘନାଦ ପାଚେରି ପରି ଆକାଶକୁ ମୁଂଡ଼ଟେକି ଛିଡ଼ା ହେଲାଣି । ଦେଶଟା ଛାରଖାର ହେବା ଉପରେ । ତାଂକର ମନେ ପଡ଼ିଲା ସେଇ ନୀତି ବାକ୍ୟ—ଅନ୍ୟାୟ ଯେ କରେ ଆଉ ଅନ୍ୟାୟ ଯେ ସହେ ଉଭୟେ ଭଗବାନଂକ ଅଦାଲତରେ ସମାନ ଭାବରେ ଦୋଷୀ । ସେ ଭାବିଲେ ଏହାର ପ୍ରତିବାଦ କରାଯିବା ଦରକାର । ଅଂତତଃ ସମଗ୍ର ଦେଶରେ ଜଣେ ଲୋକ ଏହା ବିରୋଧରେ ସ୍ୱର ଉଠାଇବା ଦରକାର । ଆଉ ସେ ଲୋକ ଜଣକ ହେଉଛଂନ୍ତି ସେ ନିଜେ—ସ୍ୱୟଂ ନୀଳାଂବର ଦାସ ।

ହେଉ ପଛେ ପଇସାଟାଏ, ସେ ଛାଡ଼ିବେ ନାହିଁ । ତାଂକର ମନେ ପଡ଼ିଲା ଗୃହରର ରିପୋର୍ଟ । ସେ ରୋଜ ଇମିତି କାଗଜ କିଣିବା ବେଳେ ପଇସାଏ ଲେଖାଏଁ ଚାଂଦା ଦେଉଚି ଆଉ ପ୍ରତି ମାସରେ ସେ ତିରିଶ ପଇସା ଭରଣା କରିବାକୁ ହେଉଚି ନୀଳାଂବର ବାବୁଂକ ତହବିଲରୁ । ଏ ଗୋଟାଏ ଖାଂଡମଂତ କଳାବଜାର ଦେଶରେ ଚେରମାଡ଼ି ବସିଗଲାଣି । ନା, ନା ଏହାର ନିଶ୍ଚୟ ମୁକାବିଲା କରିବା ଦରକାର । ଚାଣକ୍ୟ ଯେପରି ଥିଏଟରରେ ଫେଂଆର୍ସ ଦୁବଘାସର ମୂଳୋତ୍ପାଟନ କରିବାକୁ ଲାଗଂନ୍ତି, ନୀଳାଂବର ବାବୁ ସେଇପରି ଦୁର୍ନୀତିର ମୂଳପୋଛ କରିବାକୁ ଅଂଟାଭିଡ଼ି ବାହାରି ପଡ଼ିଲେ ।

ହେଉ ପଛେ ପଇସାଟିଏ । ଏହା ପଛରେ ରହିଚି ଗୋଟାଏ ମସ୍ତବଡ଼ ପ୍ରିନ୍‌ସିପଲ୍ । ସେଥିପାଇଁ ଦରକାର ପଡ଼ିଲେ ପ୍ରାଣ ଦେବା ମଧ୍ୟ ଅନୁଚିତ ହେବନାହିଁ । ତାଂକର ମନେ ପଡ଼ିଲା ପଂଦର ବର୍ଷ ତଳେ କଲିକତାରେ ଟ୍ରାମ୍ ଧର୍ମଘଟ କଥା । ଟ୍ରାମ୍‌କୋଂପାନୀ ମାତ୍ର ପଇସାଟିଏ ଭଡ଼ା ବଢ଼ାଇ ଦେବାରୁ ପ୍ରାୟ ଏକମାସ ପର୍ଯ୍ୟଂତ ଟ୍ରାମ୍ ଧର୍ମଘଟ ଚାଲିଲା । କେତେ ସଭା ଶୋଭାଯାତ୍ରା ହେଲା । ଶେଷରେ କେତେଥର ଗୁଳି ଚାଲିଲା । ଛେକକୁ ଛେକ ବହୁ ଲୋକ ମଲେ । ଶହୀଦ୍ ହେଲେ । ସେ ନିଜେ ସେମାନଂକ ସ୍ମୃତିରେ କେତେ ଓଜସ୍ୱିନୀ ଭାଷଣ ଦେଇଛଂନ୍ତି, କେତେ କବିତା ଲେଖିଛଂନ୍ତି ।

Digitized by PPRACHIN, SOA

ଆଜି ସେ ଚୁପ୍‌କରି ଏ ଅନ୍ୟାୟ ସହିଯିବେ କିପରି ? ନୀଳାମ୍ବର ବାବୁ ଯୁବାବସ୍ଥାରେ ଦେଶପ୍ରେମୀ ଥିଲେ, କୌଣସି ଏକ ରାଜନୀତିକ ସଂଘର ସକ୍ରିୟ ସଭ୍ୟ ମଧ୍ୟ ଥିଲେ । ବହୁତ ସଭା ସମିତିରେ ବକ୍ତୃତା ଦେଇଛନ୍ତି, ଧର୍ମଘଟ ଚଳାଇଛନ୍ତି । ବର୍ତ୍ତମାନ ସେ ସବୁ ଧନ୍ଦା ଛାଡ଼ି ବ୍ୟବସାୟ କରୁଛନ୍ତି ସତ, କିନ୍ତୁ ତାଙ୍କ ଭିତରର ଦେଶପ୍ରେମୀଟି କିଛି ମରିଯାଇ-ନାହିଁ । ତାଙ୍କର ମନେ ହେଲା ସେ ବାସୁକୀ ପରି ସମାଜର ଭାର ମୁଣ୍ଡାଇଛନ୍ତି । ତାଙ୍କପରି ସମାଜସଚେତନ ଲୋକ ଏ ସବୁ ଦୁର୍ନୀତିର ପ୍ରଶ୍ରୟ ଦେବା ଅନ୍ୟାୟ । ଖାଲି ଅନ୍ୟାୟ ନୁହେଁ ଏକପ୍ରକାର ଅପରାଧ ମଧ୍ୟ ।

ସେ ଜିଦ୍‌ ଧରିଲେ ଦାବୀ କଲେ ଗୋଟିଏ ପଇସା ଅଲବତ ଦେବାକୁ ହେବ ! କାଗଜବାଲା ମଧ୍ୟ ସମୁଚ୍ଚ ସ୍ୱରରେ ଉତ୍ତର ଦେଲା, ତା ପାଖରେ ରେଜା ନାହିଁ; ସେ କାଗଜ ଫେରାଇ ଦିଅନ୍ତୁ । ନୀଳାମ୍ବର ବାବୁ ତାକୁ ଦୋଷ ଦେବାକୁ ଲାଗିଲେ । କହିଲେ, ଜାଣିଶୁଣି ପାଖରେ ପଇସା ରଖି ଏପରି ଚାଲବାଜି କରୁଛ । ହକର ତାର ପେଣ୍ଟ ପକେଟରେ ଥିବା ସବୁ ରେଜା ବାହାର କରି ଦେଖାଇଦେଲା ଯେ ତା ଭିତରେ ତିନିପଇସାର ରେଜାଟି ନିଜର ଅନୁପସ୍ଥିତି ବଳରେ ଅତ୍ୟନ୍ତ ପ୍ରସିଦ୍ଧ ହୋଇ ଉଠିଛି । ନୀଳାମ୍ବର ବାବୁ ତାଙ୍କ ପଞ୍ଜାବୀ ପକେଟରୁ ସବୁତକ ରେଜା କାଢ଼ି ଆଞ୍ଜୁଳାରେ ଖେଳାଇ ଦେଖିଲେ ଯେ ଦୁଇପଇସି ରେଜାଟି ସେଠାରେ ସମ୍ପୂର୍ଣ୍ଣ ରୂପେ ଅନାଗତ । ନୀଳାମ୍ବର ବାବୁ ଅଭିଯୋଗ କଲେ, ରେଜା ନାହିଁ ତ ଆଗରୁ ରଖିବା ଉଚିତ ଥିଲା । ହକର ଜବାବ ଦେଲା ଯେ ସେ ବ୍ୟାଙ୍କ୍ ନୁହେଁ । ଯୁକ୍ତିତର୍କରୁ କ୍ରମେ ଗାଳି ଦିଆଦିଇ ଆରମ୍ଭ ହେଲା । ନୀଳାମ୍ବର ବାବୁ ତାକୁ ବଦମାସ୍, ଠକ ଆଦି ମଧୁର ସମ୍ବୋଧନ କରିବାକୁ ଲାଗିଲେ । ହକର ମଧ୍ୟ ବଦଳରେ "ମୋତେ ଯିଏ ଚୋର କହୁଛି ସେ ସେଇଆ ହୋଇଥିବ" ଇତ୍ୟାଦି ଇତ୍ୟାଦି କହିବାକୁ ଛାଡ଼ୁନାହିଁ ।

ଶେଷରେ ନୀଳାମ୍ବର ବାବୁଙ୍କ ହାତରୁ କାଗଜଖଣ୍ଡକ ଟାଣି ନେଇ ପଇସା ଫେରାଇ ଦେଇ ସେ ସାଇକେଲରେ ଚମ୍ପଟ ଦେଲା । ଖଣ୍ଡେ ଦୂର ଯାଇ ଶୁଣାଇ ଦେଲା—ଭାରି କାଗଜ ପଢ଼ିଲାବାଲା ଇଏ ! କେବେ କାଗଜ ପଢ଼ିଥିବେ !

ନୀଳାମ୍ବର ବାବୁ ଅପମାନ ବୋଧ କଲେ । ଶେଷକଥାଟା ହକର କହିଯିବା ତାଙ୍କର ଆଦୌ ବରଦାସ୍ତ ହେଲା ନାହିଁ । ସେଇ ବରଂ ଶେଷକଥାଟା କହି ଚାଲିଯାଇଥିଲେ ଏକପ୍ରକାର ବିଜୟ ଗର୍ବ ଅନୁଭବ କରିଥାନ୍ତେ । ସେ ହକର ପଛରେ ଗାଡ଼ି ଛୁଟାଇଲେ ।

ଦେଖିଲେ ଖଣ୍ଡେଦୂରରେ ଯେ ହକର ଛିଡ଼ାହୋଇ ତା ସାଇକେଲରେ ଆଲୁଅ ଲଗାଉଛି । ନୀଳାମ୍ବର ବାବୁ ଝପ୍‌କିନା ଗାଡ଼ିରୁ ଓହ୍ଲାଇ ପଡ଼ି ତା ଆଗରେ ଛିଡ଼ା ହୋଇଗଲେ । ତାଙ୍କର ଆଖି ଦୁଇଟା ଜଳୁଥାଏ । ସେ ରାଗରେ ଧଇଁସଇଁ ହେଉଥାନ୍ତି । ହକର ବିଚାରା ଅବସ୍ଥା ବୁଝିପାରି ଟିକିଏ ଘାବଡ଼ାଇ ଗଲାଣି । ସେ କଦାପି ଭାବି ନ ଥିଲା ଯେ

Digitized by PPRACHIN, SOA

ବାବୁ ଏବେ ସ୍ୱଚ୍ଛରେ ଗାଡ଼ି ଛୁଟାଇ ତା ପିଛୁ ନେବେ । ସେ ହନହନ୍ କି ହୋଇଗଲା । ରାସ୍ତାରେ ମଧ୍ୟ ଲୋକଗହଳ ନାହିଁ । ସବୁ ନିଜନ । ସେ ଥତମତ ଖାଇଯାଇ ପଚାରିଲା—"ଆପଣ କଣ ଚାହାଁନ୍ତି ?"

ନୀଳାମ୍ବର ବାବୁ କହିଲେ—"କାଗଜ ।"

"ନେଇଯାଆନ୍ତୁ ।"

"ପଇସା ?"

"ନା, ଦରକାର ନାଇ ।"

ନୀଳାମ୍ବର ବାବୁଙ୍କର ଗ୍ୟାଙ୍ଗଟା ଅପ୍ କିନା ପଡ଼ିଗଲା । ସେ ଏଭଳି ଏକ ଆକସ୍ମିକ ପରିବର୍ତ୍ତନ ପାଇଁ ଆଦୌ ପ୍ରସ୍ତୁତ ନ ଥିଲେ । ସେ ଖାଉମତ ଝଗଡ଼ା କରିବା ପାଇଁ ରାଗରେ ଝାଳନାଳ ହୋଇ ତା' ପଛେ ପଛେ ଛୁଟିଥିଲେ । ତାଙ୍କ ହାତରେ ଥିଲା ଉଦ୍ୟତ ଅସ୍ତ୍ର । ସେ ଏଭଳି ଏକ ଆଣ୍ଟିକ୍ଲାଇମାକ୍ସ ଆଦୌ ପ୍ରତ୍ୟାଶା କରି ନ ଥିଲେ ।

ତାଙ୍କର ଉତ୍ସାହ, ଉତ୍ତେଜନା, ରକ୍ତଚାପ ସବୁ ଲଥ୍ କିନା ତଳେ ପଡ଼ିଗଲା । ଏତେ ସମୟ ଧରି ଅନ୍ଧାରର ଯେଉଁ ପରଦାଟା କ୍ରମାଗତ ବଢ଼ି ଚାଲିଥିଲା, ହଠାତ୍ ଯେପରି ତା ଆଗରେ ଆଲୁଅର ଗୋଟିଏ ବିନ୍ଦୁ କିଏ ଆଣି ଦପ୍ କିନା ଜାଳିଦେଲା । ଆଉ ତାର ଶ୍ଳେଟିଆ କିରଣରେ ସେ ଜମାଟବନ୍ଧା ଅନ୍ଧାରଖଣ୍ଡ ଯେପରି ଧୀରେ ଧୀରେ ମିଳାଇ ଯିବାକୁ ଲାଗିଲା । ସେ କାଗଜ ଖଣ୍ଡ ନେଲେ । ପକେଟରୁ ସବୁ ରେଜାତକ ବାହାର କରି ଆଙ୍ଗୁଳାରେ ଖେଳାଇ ଖେଳାଇ ଦଶପଇସି ଓ ପାଞ୍ଚପଇସି ଖୋଜିବାକୁ ଲାଗିଲେ । ହକର ମଧ୍ୟ ତା' ପକେଟରୁ ସବୁ ରେଜାତକ କାଢ଼ି ସୁନ୍ଦର ଦୋପଇସିଟିକୁ ଖୋଜିବାକୁ ଲାଗିଲା ।

ନୀଳାମ୍ବର ବାବୁ ଓ ହକର ଉଭୟେ ଏକ ସମୟରେ ଉଭୟଙ୍କ ଆଡ଼କୁ ହାତ ବଢ଼ାଇ ପଇସା ଦିଆନିଆ ହେବାକୁ ଗଲେ । ହକର ହାତକୁ ପଇସା ବଢ଼ାଇ ଦେଇ ଟିକିଏ ଆଶ୍ଚର୍ଯ୍ୟ କଣ୍ଠରେ ନୀଳାମ୍ବର ବାବୁ କହିଲେ—ଦୋପଇସିଟାଏ କୁଆଡ଼ୁ ମିଳିଲାଣି ।

ହକର ବି ସମଧିକ ଆଶ୍ଚର୍ଯ୍ୟ କଣ୍ଠରେ ଜବାବ ଦେଲା—"ଠିକ୍ ଅଛି ! ଆଜ୍ଞା ମୁଁ ଗୋଟାଏ ଛନପଇସି ଖୋଜି ପାଇଲିଣି ।"

ନୀଳାମ୍ବର ବାବୁ କାଗଜ କିଣି ଘରକୁ ଫେରିଲେ ।

Digitized by PPRACHIN, SOA